## ସଂକ୍ଷେପରେ

### ବଦାପାଜୁ ପ୍ରଧାନ ଶିକ୍ଷକ ନିଲମ୍ବିତ

**ଫିରିଙ୍ଗିଆ, ୩୧।୭:** ଶେଷରେ ଫିରିଙ୍ଗିଆ ବ୍ଲକ ବଦାପାଜୁ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀ(ବିଇଓ) ବିନୋଦ ବିହାରୀ ଦିଗାଲ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନଶିକ୍ଷକ ଜଣକ ମାସରେ୨/୩ ଥର ସ୍କୁଲକୁ ଯାଇ ଉପସ୍ଥାନ ଖାତାରେ ସବୁ ଦିନର ଦସ୍ତଖତ କରି ଦରମା ନେଉଥିଲେ। ଏ ନେଇ ଅଭିଯୋଗ ହେବାରୁ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତର ୧୦ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ବିଇଓ ତାଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରିଥିଲେ। ଏପରିକି ପ୍ରଧାନଶିକ୍ଷକ ସନ୍ତୋଷ ବିଇଓଙ୍କ ଅଫିସର ବରିଷ୍ଠ କିରାଣୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଚେୟାର ଟେବୁଲ ଠେଲା ପେଲା କରିଥିଲେ। ଘଟଣା ଥାନାକୁ ଯାଇଥିଲେ ବି ବିଇଓ ଏହାକୁ ସମାଧାନ କରିବା କହି ଏତଲା ଫେରାଇ ଆଣିଥିଲେ। ହେଲେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏ ସଂକ୍ରାନ୍ତରେ ଫୁଲବାଣୀ ବିଇଓ ତଦନ୍ତ କରିବେ ବୋଲି ଜିଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ଫିରିଙ୍ଗିଆ ବିଇଓ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ଯୁବକଙ୍କ ଉନ୍ମତ୍ତକାଣ୍ଡ: ପୋଲିସ ଜିମା ଦେଲେ ଲୋକେ

**ବାଲିଗୁଡା, ୩୧।୭(ଡି. ଏନ.ଏ):** ବାଲିଗୁଡା ଅଞ୍ଚଳରେ ବୁଧବାର ଜଣେ କୌଣସି ଉଦ୍ଦେଶ୍ୟ ନେଇ ଏକ ଲଜ୍‌ରେ ପଶୁଥିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଉକ୍ତ ଯୁବକ ଜଣକ ସକାଳ ପ୍ରାୟ ସାଢ଼େ ୧୦ଟାରେ ପ୍ରଥମେ ସନ୍ତୋଷ ଲଜ୍‌ର ଗୋଟିଏ ରୁମ୍‌ରେ ପଶୁଥିଲେ। ଏହା ଦେଖି ଲଜର କର୍ମଚାରୀ ଓ କେତେଜଣ ଲୋକେ ଯୁବକଙ୍କୁ ଗୋଡାଇବାରୁ ସେ ଦୌଡ଼ି ପାଟ୍ଟଖଣ୍ଡା ମନ୍ଦିର ଗେଟ୍ ଭାଙ୍ଗି ଭିତରେ ପଶିଯାଇଥିଲା। ମନ୍ଦିରରୁ ଲୋକମାନେ ଯୁବକକୁ ଧରି ମାଡ଼ମାରିବା ସହ ଦଉଡିରେ ବାନ୍ଧି ନେଇ ଥାନାରେ ଦେଇଛନ୍ତି। ବାଲିଗୁଡା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ବାଲିଗୁଡା,୩୧।୭(ଡି.ଏନ.ଏ):** ବାଲିଗୁଡା ଉପଜିଲାପାଳଙ୍କ ସଭାଗୃହରେ ୭୩ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶୃଙ୍ଖଳାର ସହ ସ୍ୱାଧୀନତା ଦିବସ ପାଳନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ସ୍ୱାଧୀନତା ଦିବସରେ ହେବାକୁଥିବା ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଇଥିଲା।

■ ଶହୀଦ ସପ୍ତାହର ଚତୁର୍ଥ ଦିନ

# ସିମନବାଡ଼ିରେ ଲାଗିଲା ମାଓବାଦୀ ବ୍ୟାନର

**ଦାରିଙ୍ଗବାଡ଼ି,୩୧।୭(ଡି.ଏନ.ଏ)**

ମାଓବାଦୀଙ୍କ ପକ୍ଷରୁ ଶହୀଦ ସପ୍ତାହ ପାଳନ କରାଯାଉଥିବା ବେଳେ ବୁଧବାର ଏହା ଚତୁର୍ଥ ଦିନରେ ପହଞ୍ଚିଛି । ପ୍ରତି ଗାଁରେ ଏହି ଦିବସ ପାଳନ କରାଯିବାକୁ ଆହ୍ୱାନ ଜଣାଇ ମାଓବାଦୀଙ୍କ ପକ୍ଷରୁ ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ବଜାର ଓ ବୁଡାଗୁଡ଼ା ଛକରେ ପୋଷ୍ଟର ଏବଂ ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଶହୀଦ ସାଥୀ ହତ୍ୟା ପ୍ରତିଶୋଧ, ଫାଶୀବାଦ ଆକ୍ରମଣ ସମାଧାନ ଯୋଜନାକୁ ପରାସ୍ତ, ଜଳ, ଜଙ୍ଗଲ, ଜମି ଉପରେ ଅଧିକାର ପାଇଁ ଦୀର୍ଘକାଳୀନ ଜନଆନ୍ଦୋଳନକୁ ତୀବ୍ର କରିବାକୁ ପୋଷ୍ଟରରେ ଉଲ୍ଲେଖ ରହିଥିଲା। ଶେଷରେ ସିପିଆଇ (ମାଓବାଦୀ) ଜିନ୍ଦାବାଦ ଉଲ୍ଲେଖ କରାଯିବା ସହ ବାଘୁନା ଡିଭିଜନାଲ କମିଟି ଭାଜପା(ମାଓବାଦୀ) ଉଲ୍ଲେଖ ରହିଥିଲା। ତେବେ ପୋଲିସ ସମସ୍ତ ଲାଲ୍ ବ୍ୟାନରକୁ ବାହାର କରିଥିବା ଜଣାପଡ଼ିଛି।

ସିମନବାଡ଼ି ବଜାର ଉପରେ ଜଣେ ବ୍ୟବସାୟୀଙ୍କ ଦୋକାନ ସମ୍ମୁଖରେ ମାଓବାଦୀମାନେ ପୋଷ୍ଟର ଛାଡ଼ି



ଆମ ପୋଲିସ ସମିତି ବୈଠକରେ ଆଇଆଇସି ଆଇନ ଉପରେ ସଚେତନ କରୁଛନ୍ତି।



ବୁଡାଗୁଡ଼ା ଛକରେ ଲାଗିଥିବା ଲାଲ୍ ବ୍ୟାନର ।

## ଲୋକଙ୍କ ମନରୁ ଭୟ ଦୂର ପାଇଁ ପୋଲିସର ପ୍ରୟାସ

ଯାଇଥିଲେ। ସେଠାରୁ ମାତ୍ର ୧୦୦ ମିଟର ଦୂର ସିମନବାଡି ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବ ନିର୍ଦ୍ଧାରିତ ପ୍ରକାରେ ବୁଧବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଦାରିଙ୍ଗବାଡ଼ି ପୋଲିସ ପୂର୍ବରୁ ନିର୍ଦ୍ଧାରିତ ପ୍ରକାରେ ଆମ ପୋଲିସ ସମିତିର ଅଧ୍ୟକ୍ଷ ଆଇଆଇସି ଅଲେଖ ଗରଡ଼ିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଲୋକଙ୍କୁ ଆଇନ ଉପରେ ସଚେତନ କରାଯାଇଥିଲା । ଲୋକଙ୍କ ମନରୁ ଭୟ ଦୂର କରିବା ନିମନ୍ତେ ପୋଲିସର ଏହା ଏକ ପ୍ରୟାସ ବୋଲି କୁହାଯାଇଛି। ସରପଞ୍ଚ ଅମିତା ପ୍ରଧାନଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ବୈଠକ ପରିଚାଳନା କରିବାକୁ ସମିତିର ଅଧ୍ୟକ୍ଷ ଆଇଆଇସି ଗରଡ଼ିଆଙ୍କୁ ନିବେଦନ କରିଥିଲେ। ବୈଠକରେ ଟ୍ରାଫିକ ସମସ୍ୟାର ସମାଧାନ ସହ ସିମନବାଡ଼ି ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ପ୍ରସଙ୍ଗ ଉଠିଥିଲା । ସିମନବାଡ଼ିରେ ଏକ ପୋଲିସ ଆଉଟ ପୋଷ୍ଟ ଖୋଲିବା ପାଇଁ ସିମନବାଡ଼ିର ଧନେଶ୍ୱର ବାଡତିଆ ଆଇଆଇସିଙ୍କୁ ନିବେଦନ କରିଥିଲେ। ଆଇଆଇସି କହିଥିଲେ, ଚଳିତ ବର୍ଷ ଦାରିଙ୍ଗବାଡ଼ି ଥାନା ସର୍ବାଧିକ ଅବକାରୀ ମାମଲା ରୁଜୁ କରିଛି । ଯାନବାହନ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ସହ ବେପରୁଆ ଗାଡ଼ି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଅନ୍ଧବିଶ୍ୱାସକୁ ନେଇ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ବୈଠକରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କହିଥିଲେ, ଅଞ୍ଚଳର ଲୋକେ କାମଧନ୍ଦା ଖୋଜିବାକୁ ରାଜ୍ୟ ବାହାରକୁ ଯାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦାରିଙ୍ଗବାଡ଼ି ଅଞ୍ଚଳରେ ଏବେ ୨ଶହରୁ ଅଧିକ ବ୍ୟକ୍ତି ଏଡ୍‌ସରେ ଆକ୍ରାନ୍ତ ହେବା ଉଦ୍‌ବେଗଜନକ ଘଟଣା ବୋଲି କହିଥିଲେ। ବୈଠକରେ ସାନ୍ଧୁରା ପ୍ରଧାନ, ମନୁରାଜ ଦିଗାଳ, ମାଥିଆସ ଦିଗାଳ, ସମରେନ୍ଦ୍ର ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ସରୋଜ ସାହୁ, ସୁରଥ ମାଝିଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ ।

### ବନ୍ଧଛକରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

**ଜି.ଉଦୟଗିରି,୩୧।୭(ଡି.ଏନ.ଏ.)**

ଜି.ଉଦୟଗିରି ବନ୍ଧଛକ ସହରର ଏକ ଜନଗହଳିପୂର୍ଣ୍ଣ ସ୍ଥାନ । ଦୈନିକ ଶହ ଶହ ଲୋକ ସେହି ଛକ ଉପରେ ନିର୍ଭର କରନ୍ତି। ନୂତନ ବସ୍‌ଷ୍ଟାଣ୍ଡ ହୋଇ ନ ଥିବା ଯୋଗୁ ସେଠାରେ ସବୁ ବସ୍ କିଛି ସମୟ ପାଇଁ ରୁହେ । ସେଠାରୁ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରନ୍ତି। କିନ୍ତୁ ସେଠାରେ ଯାତ୍ରୀ ବିଶ୍ରାମାଗାର କିମ୍ବା ପରିସ୍ରାଗାର ନ ଥିବା ଯୋଗୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିସ୍ରାଗାର ନ ଥିବା ଯୋଗୁ ବନ୍ଧହିଡ଼ (ପୋଖରୀ ହିଡ଼)ରେ ଲୋକମାନେ ପରିସ୍ରା କରି ପୋଖରୀ ପରିବେଶ ଦୂଷିତ କରୁଛନ୍ତି। ସେଠାରେ ଏକ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ଅତିଶୀଘ୍ର ନିର୍ମାଣ କରିବା ପାଇଁ ବ୍ୟବସାୟୀ ସଂଘ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ ଏକ ଦାବିପତ୍ର ଏନ୍‌ଏସି ଅଧିକାରୀଙ୍କ ପ୍ରଦାନ କରିଥିବା କହିଛନ୍ତି। ଏହାସହ ଶ୍ରୀରାମପଦାରେ ଥିବା ନୂତନ ବସ୍‌ଷ୍ଟାଣ୍ଡକୁ ଅତିଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମଧ୍ୟ ଦାବି କରାଯାଇଥିବା ସେ କହିଥିଲେ। ସେହିପରି ବଜାର ଛକରେ ଏକ ଯାତ୍ରୀ ବିଶ୍ରାମାଗାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ନିର୍ମାଣ ହୋଇପାରିନାହିଁ ବୋଲି ଭାଜପା ନେତା ପ୍ରିୟବ୍ରତ ସାହୁ ଅଭିଯୋଗ କରିଛନ୍ତି । ତେଣୁ ବଜାର ଛକ ଭଞ୍ଜ ମାର୍କେଟ ନିକଟରେ ମଧ୍ୟ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

■ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ମନମୁଖି କାର୍ଯ୍ୟ ଅଭିଯୋଗ

# ପଞ୍ଚାୟତରୁ ଦିଆଗଲା ଟଙ୍କା, ସ୍ଥାପନ ହେଲାନି ନଳକୂପ

**ଫୁଲବାଣୀ ଅଫିସ, ୩୧।୭**

ଫିରିଙ୍ଗିଆ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗରେ ମନମୁଖି କାର୍ଯ୍ୟ ଚାଲିଛି। କୌଣସି ପ୍ରକଳ୍ପ ଅବା ନଳକୂପ ଅସୁବିଧା ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରିଲେ ପଞ୍ଚାୟତରେ ଟଙ୍କା ଅଛି, ଟଙ୍କା ଦେଲେ କାର୍ଯ୍ୟ ହେବ ବୋଲି କୁହାଯାଉଛି। ପଞ୍ଚାୟତ ଟଙ୍କା ଦେବା ପରେ ବି କାମ ହେଉନି । ଏବେ ବିଭାଗ କାହାକୁ ଦୋଷ ଦେବ ତାହାକୁ ନେଇ ପ୍ରଶ୍ନ ଉଠିଛି । ବିଭାଗୀୟ ଯନ୍ତ୍ରୀଙ୍କ ବେପରୁଆ ମନୋଭାବ ଯୋଗୁ କାମ ହେଉ ନ ଥିବା ଫିରିଙ୍ଗିଆ ବ୍ଲକ ସଲାଗୁଡା ସରପଞ୍ଚ ସୁଭଦ୍ରା କହଁର ଅଭିଯୋଗ କରିଛନ୍ତି। ସେହିପରି ଗୋଚ୍ଛାପଡା ପଞ୍ଚାୟତରେ ମଧ୍ୟ ଏକା ସମସ୍ୟା।

୨୦୧୮-୧୯ରେ ପଞ୍ଚାୟତକୁ ଆସିଥିବା ଚତୁର୍ଦ୍ଦ କେନ୍ଦ୍ରୀୟ ଅର୍ଥ କମିଶନ ଅର୍ଥରେ କିଛି ନଳକୂପ ବସିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୩ ଲକ୍ଷ ୬୦ ହଜାର ଟଙ୍କା ଗତ ଫେବୃୟାରୀରେ ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ୟାଙ୍କ ଖାତାରେ ଜମା କରାଯାଇଥିଲା। ୪ଟି ଗ୍ରାମରେ ନଳକୂପ ପିଛା ୯୦ ହଜାର ଟଙ୍କା ଖର୍ଚ୍ଚ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ପଞ୍ଚାୟତର କ୍ଷେତାପାଜୁ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଗୋଟିଏ ନଳକୂପ, କାଡ୍ରାମାଲରେ ଗୋଟିଏ, ବାଦାପାଜୁରେ ଗୋଟିଏ ଏବଂ ପାଣ୍ଡୁପଦର ପୋଡିସାହିରେ ଗୋଟିଏ ନଳକୂପ ସ୍ଥାପନ ହୋଇଥାନ୍ତା। ଇତିମଧ୍ୟରେ ୫ ମାସ ବିତି ଯାଇଥିଲେ ମଧ୍ୟ ବିଭାଗ କିଛି ପଦକ୍ଷେପ ନେଇନଥିବାରୁ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ତୁରନ୍ତ ନଳକୂପ ସ୍ଥାପନ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସୁଭଦ୍ରା କୁହନ୍ତି ଏଠାରୁ ବ୍ଲକ କାର୍ଯ୍ୟାଳୟ ପ୍ରାୟ ୩୦ କି.ମି. ଦୂର। ନଳକୂପ ପାଇଁ ବହୁବାର ଯାଇ ଅଧିକାରୀଙ୍କୁ ଭେଟି କହିଛି। ୨ ଦିନ ଭିତରେ ନଳକୂପ ଗାଡି ଆସିବ । ନ ଆସିଲେ ଆଉ ୭ ଦିନ ଲାଗିବ, ଏପରି କହି ଦିନ ଗଡାଇ ଦିଆଯାଉଛି। ଯଥାଶୀଘ୍ର ନଳକୂପ ଖନନ ଆରମ୍ଭ ନ ହେଲେ ଆନ୍ଦୋଳନ ହେବ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି। ସେହିପରି ଗୋଚ୍ଛାପଡା ପଞ୍ଚାୟତରୁ ମଧ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ନଳକୂପ ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଇଥିଲା। ମୁଣ୍ଡାପଦର ଏବଂ ରାକାଡି ଅଙ୍ଗନୱାଡି କେନ୍ଦ୍ରରେ ଦୁଇଟି ନଳକୂପ ବସିଥିଲା । ହେଲେ ସେଠାରେ ପାଣି ବାହାରିଲା ନାହିଁ । ଅନ୍ୟ ୨ ଟି ଏ ପର୍ଯ୍ୟନ୍ତ ଖୋଳାଯାଇନାହିଁ । ଏ ନେଇ ଆରଡବ୍ଲ୍ୟୁଏସ୍‌ଏସ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବହରି ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ସୂଚନା ଥିବା କହିଛନ୍ତି। ନଳକୂପ ଖନନ ଡେରି ହେବାର କାରଣ କୁହାଯାଇଛି । ବର୍ଷାଦିନ ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।




ସଲାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ।

■ ସମୀକ୍ଷା ବୈଠକର ଦିନକ ପରେ

# ଆଧାର ଲିଙ୍କ୍ ବେଳେ ଧରାପଡ଼ିଲା ୩୪୬ ନକଲି ରାଶନ କାର୍ଡ

**ଦାରିଙ୍ଗବାଡ଼ି,୩୧।୭(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଏବେ ରାଶନ କାର୍ଡ଼ ସହ ଆଧାର କାର୍ଡ଼କୁ ଲିଙ୍କ କରାଯାଉଛି । ଏହି ସମୟରେ ୩୪୬ଟି ନକଲି ଥିବା ଧରାପଡ଼ିଛି। ନିଜ ପଞ୍ଚାୟତ ସମେତ ବ୍ଲକ ଏବଂ ବିଭିନ୍ନ ଜିଲାରେ ଏକା ନାମରେ ଏହି ରାଶନ କାର୍ଡ଼ ରହିଥିବା ଧରାପଡ଼ିଛି। ଆହୁରି ୮ହଜାର୨ଶହ ଲିଙ୍କ ହେବାକୁ ବାକି ଅଛି।

ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଲିଙ୍କ କରାଯାଉଥିବା ବେଳେ ଉକ୍ତ ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତର ହିତାଧିକାରୀଙ୍କ ନିଜ ପଞ୍ଚାୟତ ଅଞ୍ଚଳରେ ୯୫ଟି ନକଲି ସହ ନିଜ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ନକଲି ହିତାଧିକାରୀ ଅଛନ୍ତି। ୧୯୬ ଜଣ ଏବଂ ଜିଲା ବାହାରେ ତଥା ଗଜପତି ସମେତ ଖୋର୍ଦ୍ଧା, ରାୟଗଡ଼ା, ଗଞ୍ଜାମ, ନୟାଗଡ଼ ଆଦି ଜିଲାରେ ହିତାଧିକାରୀଙ୍କ ନାମ ତାଲିକା ରହିଥିବା ଜଣାପଡ଼ିଛି। ଏବେ ଏ ନେଇ ବିଭାଗକୁ ଚିନ୍ତା ଘାରିଛି। ଏହାର ତଦନ୍ତ କରି ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା କହିଛନ୍ତି। ସେ କହିଛନ୍ତି, ଅନେକ ହିତାଧିକାରୀଙ୍କ ଆଧାର କାର୍ଡ଼ ହୋଇନାହିଁ । ଆଉ କିଛି ହିତାଧିକାରୀ ଆଧାର କାର୍ଡ଼ ଥାଇ ମଧ୍ୟ ଦେଉନାହାନ୍ତି। ଏଣିକି ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାସନକାର୍ଡ଼ ଏବଂ ଆଧାରକାର୍ଡ଼କୁ ସଂଯୋଗ କରିବା ପାଇଁ ଡିଲରମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଜିଲା ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ଏଥିରେ ବ୍ଲକ ଅଞ୍ଚଳର ୧ହଜାର୨୮୬ ପରିବାରର ୮ହଜାର୨୧୦ଜଣଙ୍କ ଆଧାର ଲିଙ୍କ ଅଦ୍ୟାବଧି ହୋଇପାରିନଥିବା କୁହାଯାଇଥିଲା । ତାହା ବୁଧବାର ଠାରୁ ଲିଙ୍କ କରାଯାଉଥିବା ବେଳେ ପ୍ରଥମ ଦିନରେ ୩୪୬ ଟି ନକଲି ରହିଥିବା ଜଣାପଡ଼ିଥିଲା । ଉକ୍ତ ବ୍ଲକରେ ମୋଟ ୨୫ହଜାର ୯୪୧ ପରିବାରର ୯୯ ହଜାର ୫୦୫ ଜଣ ହିତାଧିକାରୀ ରହିଥିବା ବେଳେ ଆଜିତ ପର୍ଯ୍ୟ' ୨୪ହଜାର୬୫୫ ପରିବାରର ୯୧ ହଜାର୨୯୫ ଜଣଙ୍କ ଆଧାର ଲିଙ୍କ ହୋଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି ।

# ରାସ୍ତାରେ ଗୋରୁ, ବୃଦ୍ଧି ପାଉଛି ଦୁର୍ଘଟଣା

**ପ୍ରଦୀପ କୁମାର ବେହେରା**
**ରାଇକିଆ,୩୧।୭(ଡି.ଏନ.ଏ)**

କନ୍ଧମାଳ ଜିଲାର ଯେ କୌଣସି ସ୍ଥାନକୁ ରାତ୍ରିରେ ଗଲେ ରାସ୍ତା ଉପରେ ଗୃହପାଳିତ ପ୍ରାଣୀଙ୍କ ଆଡ୍ଡା ଦେଖିବାକୁ ମିଳୁଛି । ଗାଇ, ଛେଳି ମଇଁଷି ସବୁଠି ଶୋଇ ରାସ୍ତା ଅବରୋଧ କରୁଛନ୍ତି। ରାଜ୍ୟ ରାଜପଥ ହେଉ କିମ୍ବା ଜାତୀୟ ରାଜପଥ ଏହି ସବୁ ସ୍ଥାନରେ ଏମାନଙ୍କ ରାଜ। ଦିନ ଅପେକ୍ଷା ରାତ୍ରୀ ହେଲା ମାତ୍ରେ ବିଭିନ୍ନ ସ୍ଥାନରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି । ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। କେଉଁଠି ଗାଡ଼ି ଚାଳକ ମୃତାହତ ହେଉଛନ୍ତି ତ ଆଉ କେଉଁଠି ଗୃହପାଳିତ ପ୍ରାଣୀଙ୍କର ଜୀବନ ଯାଉଛି । ବିଶେଷ କରି କଳା ରଙ୍ଗର ଗାଇ, ଛେଳି କିମ୍ବା ମଇଁଷିଙ୍କ କ୍ଷେତ୍ରରେ ବେଶି ଦୁର୍ଘଟଣା ଘଟୁଛି । କଳା ଚକଚକ ରାସ୍ତାରେ ଅନ୍ଧାର ରାସ୍ତାରେ ଗାଡ଼ି ଚାଳକ ମାନେ ପରଖି ନପାରିବା ଯୋଗୁଁ ଦୁର୍ଘଟଣା ଘଟୁଛି । ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସବୁଠି ଏହି ସମସ୍ୟା।

ସହରର ମୁଖ୍ୟ ରାସ୍ତା ଅବରୋଧ କରି ଗୋରୁ ଶୋଉଥିବା ବେଳେ ରାସ୍ତା କଡ଼ରେ ଥିବା ଛୋଟଛୋଟ ଗାଁ ମାନଙ୍କରେ ମଧ୍ୟ ଏକା ଦୃଶ୍ୟ ଦେଖିବାକୁ ମିଳୁଛି। ଦିନରେ ଚାଷ କାର୍ଯ୍ୟ ପରେ କିମ୍ବା ବାହାରେ ଚରେଇ ବାପରେ ରାତ୍ରରେ ରାଜରାସ୍ତାକୁ ଛାଡ଼ି ଦିଆଯାଉଛି । ବର୍ଷାରେ ରାସ୍ତା ଉପରେ ଓଦା ହୋଇ ଗାଇଗୋରୁ ରହୁଛନ୍ତି। ଏନେଇ ମଧ୍ୟ କୌଣସି କଟକଣା କାର୍ଯ୍ୟକାରୀ ହେଉନି। ପଞ୍ଚାୟତ ମାନଙ୍କରେ ଥିବା କାଞ୍ଜିଆହୁଦା ବ୍ୟବସ୍ଥା ମଧ୍ୟ ଫଳପ୍ରଦ ହେଉନାହିଁ । କେବଳ ରାତ୍ରରେ ଗୋରୁ ମାନେ ରାସ୍ତାରେ ବୁଲୁଥିବାରୁ ଗୋରୁଙ୍କୁ ବାନ୍ଧି ନେଇ ରଖିବା ପଞ୍ଚାୟତ ପକ୍ଷେ ସମ୍ଭବପର ହେଉନାହିଁ। କେତେକାଂଶରେ କାଞ୍ଜିଆହୁଦାରେ ରଖା ଯାଇଥିବା ଗୋରୁଙ୍କୁ ନେବାପାଇଁ କୌଣସି ଦବିଦାର ମଧ୍ୟ ଆସୁନାହାନ୍ତି । ଯାହା ରକ୍ଷଣବେକ୍ଷଣ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢାଉଛି । । ଏ ନେଇ ଜଣେ ପରିବହନ ବିଭାଗ ଅଧିକାରୀ କହିଛନ୍ତି, ଗୋରୁ କିମ୍ବା ମଇଁଷି ମାନଙ୍କ ଠାରେ ରିଫ୍ଲେକ୍ଟିଂ ଷ୍ଟିକର ଲଗାଇବା ବ୍ୟବସ୍ଥା କରାଗଲେ ଅନେକାଂଶରେ ଦୁର୍ଘଟଣା ଏଡ଼ାଇ ଦିଆଯାଇ ପାରିବ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା କାଠିକର ପାଠ। ଏହାକୁ ଗାଇ ମାଲିକ ମାନେ ନିଜ ଆଡୁ ଆଗ୍ରହ ଦେଖାଇଲେ କିଛି ମାତ୍ରାରେ ସୁଫଳ ମିଳି ପାରିବ। ଜଣେ ଚାଷୀ ଶ୍ରୀଖର ମହନ୍ତ କୁହନ୍ତି, ଦିନରେ ସେମାନେ ହଳ କରି ସାରିଲା ପରେ ବାହାରକୁ ଚରେଇବା ପାଇଁ ଗୋରୁଙ୍କୁ ଛାଡ଼ି ଦେଇଥାନ୍ତି। ରାତ୍ରରେ ମଧ୍ୟ ଖଡାଇବା ପାଇଁ ଦେବା ପରେ ଗୁହାଳ ବ୍ୟବସ୍ଥା ନଥିବା କାରଣରୁ କିମ୍ବା ଜାଗା ଅଭାବରୁ ଅଧିକାଂଶ ଚାଷୀ ଗୋରୁ, ମଇଁଷିଙ୍କୁ ବାହାରକୁ ଛାଡ଼ି ଦେଉଛନ୍ତି। ଫଳରେ ଗୋରୁ, ମଇଁଷି, ଛେଳି ରାସ୍ତା ଉପରେ ଶୋଉଛନ୍ତି। ଏହି ସମସ୍ୟା କିନ୍ତୁ ଗାଡ଼ି ଚାଳକ ଏବଂ ମାଲିକ ମାନଙ୍କୁ ବିଚଳିତ କରୁଛି । ନିକଟରେ ବାଲିଗୁଡ଼ା ମୋଟର ଚାଳକ ସଂଘ ତରଫରୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବାଲିଗୁଡ଼ା ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛି।



ରାତିରେ ରାସ୍ତା ଅବରୋଧ କରି ଶୋଇଛନ୍ତି ଗୋରୁ।

### ମହିଳା କଲେଜ ଅଧ୍ୟକ୍ଷାଙ୍କୁ ବିଦାୟ ସମ୍ବର୍ଦ୍ଧନା



ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ମାନପତ୍ର ପ୍ରଦାନ କରାଯାଉଛି ।

**ଫୁଲବାଣୀ ଅଫିସ, ୩୧।୭:** ଫୁଲବାଣୀସ୍ଥିତ ସଞ୍ଜୟ ସ୍ମୃତି ସରକାରୀ ମହିଳା କଲେଜ ଅଧ୍ୟକ୍ଷା ଡ. ମିନତୀ ପାଣିଗ୍ରାହୀଙ୍କୁ ବୁଧବାର କଲେଜ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ପାଣିଗ୍ରାହୀଙ୍କ କାର୍ଯ୍ୟକାଳରେ କଲେଜରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଅଧ୍ୟାପିକ, ଅଧ୍ୟାପିକ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଦାୟୀ ଅଧ୍ୟାପିକାଙ୍କ ସ୍ୱାମୀ ତଥା କଲେଜ ପ୍ରତିଷ୍ଠାତା/ପୂର୍ବତନ ଏମ୍‌ପି ମୃତ୍ୟୁଞ୍ଜୟ ନାୟକ, ଅଧ୍ୟାପକ ଦାମୋଦର ପ୍ରଧାନ,ଡ. କବିରାଜ ବେହେରା, ଅଧ୍ୟାପକ ସୁରେଶ ଚନ୍ଦ୍ର ବେହେରା, ଧନଞ୍ଜୟ ପ୍ରଧାନ, ବାବାଜୀ ଚରଣ ବେହେରା, ଅଧ୍ୟାପିକା ତନୁଜା ସିଂହ, ଦେବସ୍ମିତା ସାହୁ, ମଧୁସ୍ମିତା ରାଉତ, ତପସ୍ୱିନୀ ଗୌଡ ପ୍ରମୁଖ ଉପସ୍ଥିତ ରହି ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ ।

## କେନ୍ଦ୍ରାପଡ଼ା ପୌରପାଳିକା

ସଂଖ୍ୟା: ୩୪୨୨ — ତାରିଖ: ୩୦।୦୭।୨୦୧୯

### ସୂଚନା

ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କେନ୍ଦ୍ରାପଡ଼ା ପୌରପାଳିକା ତା ୦୧।୧୧।୨୦୧୮ ରିଖ ଦିନ ବାହ୍ୟ ମଳମୁକ୍ତ ସହର ଭାବେ ଘୋଷିତ ହୋଇଥିଲା। ଏଥିନିମନ୍ତେ ନିଜସ୍ୱ ଶୌଚାଳୟ/ ଗୋଷ୍ଠୀ ଶୌଚାଳୟ/ ସାମୂହିକ ଶୌଚାଳୟ ମାନ ନିର୍ମିତ ହୋଇଥିଲା, ତେଣୁ କେନ୍ଦ୍ରାପଡ଼ା ପୌରପାଳିକାରେ କାହାକୁ ବାହାରେ ଶୌଚ କରିବାକୁ ଅନୁମତି ଦିଆଯାଇ ନାହିଁ।

ଏହି ସୂଚନା ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି କି ଯଦି ସେମାନେ ବାହାରେ ଶୌଚ କରିବାର ଦେଖାଯାଏ ତେବେ ସେମାନଙ୍କଠାରୁ ଏଥିନିମନ୍ତେ ଜରିମାନା ଆକାରରେ ୫୦ ଟଙ୍କା ପୌରପାଳିକାର ଟିକସ ସଂଗ୍ରାହକଙ୍କ ଦ୍ୱାରା ସଂଗ୍ରହ କରାଯିବ, ଯଦି ଏହି ଜରିମାନା ଆପଣ ଦାଖଲ ନ କରନ୍ତି ତେବେ ଏହି ଜରିମାନା ଆପଣଙ୍କ ଗୃହ ଟିକସରେ ଯୁକ୍ତ କରାଯିବ। ଏହା ସହିତ ଯଦି କେହି ଏହି ଆଦେଶକୁ ଅବମାନନା କରନ୍ତି ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡ଼ା ପୌରପାଳିକା

Odisha Coal and Power Limited OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No : 0674-2300654 /2300664

**NOTICE INVITING TENDER**

Date: 01.08.2019

Sealed bids in prescribed format are invited from manufacturers/ suppliers / agencies/Contractor for the following work :

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| NIT No: OCPL/SITE-SUP-06/2019 | | | | | | |
| 1 | Supply & installation of VHF handset and batteries for OCPL | Rs.1180/- (Rupees One thousand one hundred and eighty only) including GST. | Rs.5,000/- (Rupees Five thousands Only) | 01.08.2019 | 13.08.2019 | 03:00 PM on 21.08.2019 03:30 PM on 21.08.2019 |

Interested bidders may download the RFP documents from our website, i.e www.ocpl.org.in. Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts)
Mob : 7608008703

Odisha Coal and Power Limited OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No : 0674-2300654 /2300664

**NOTICE INVITING TENDER**

NIT No.OCPL/SER-94/2019 — Date: 01.08.2019

Sealed bids in prescribed format are invited from companies/agencies/ firms for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| 1 | Core drilling, Preparation of Geological Report and Mining Plan for exploration of fireclay in Manoharpur Coal Block, Sundargarh, Odisha | Rs.11,800 (Rupees Eleven Thousand Eight Hundred Only) including GST. | Rs.1,00,000/- (Rupees One Lakh Only) | 01.08.2019 | 16.08.2019 | 3:00 PM on16.09.2019 3:30 PM on 16.09.2019 |

For further details, bidders may visit our website, i.e www.ocpl.org.in . Any clarification may please be addressed to the undersigned at the above address or by email to: a.kanungo@ocpl.org.in.

Sd./-
Addl. General Manager (Commercial & Contracts)

Tel -0674-2300964 (D)

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଡିଇଓ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ। ସ୍ଥାନ-ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖ। ସମୟ-ପୂର୍ବାହ୍ନ ୧୧ଟା ।

## ୨ରୁ ଆରଡିସିଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ



**ବ୍ରହ୍ମପୁର ଅଫିସ,୩୧।୭:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱରେ ରହିବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଟି. ଆଓ । ଅଗଷ୍ଟ ୨ତାରିଖ ଅପରାହ୍ନରୁ ଆରଡିସି କୁଳପତି ଭାବେ ଦାୟିତ୍ୱ ନେବେ । ଏନେଇ ରାଜଭବନ ତଥା କୁଳାଧିପତିଙ୍କ କାର୍ଯ୍ୟାଳୟରୁ ବିଶ୍ୱବିଦ୍ୟାଳୟ କୁଳସଚିବ ଓ ଆରଡିସିଙ୍କ କାର୍ଯ୍ୟାଳୟକୁ ଚିଠି ଆସିଛି ।

ଅଗଷ୍ଟ ୩ରୁ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ନୂତନ କୁଳପତିଙ୍କ ନିଯୁକ୍ତି ପର୍ଯ୍ୟନ୍ତ ଦକ୍ଷିଣାଞ୍ଚଳ ଆରଡିସି ଦାୟିତ୍ୱରେ ରହିବା ନେଇ ଚିଠିରେ ଦର୍ଶାଯାଇଛି ।

## ଏନ୍‌ସିସି କ୍ୟାମ୍ପରୁ ଫେରି ଡେଙ୍ଗୁରେ ଛାତ୍ର

**ବ୍ରହ୍ମପୁର ଅଫିସ୍,୩୧।୭:** ଏନ୍‌ସିସିର ବାର୍ଷିକ କ୍ୟାମ୍ପକୁ ଯାଇ ବ୍ରହ୍ମପୁରର ଏକ ଘରୋଇ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ସହର ଉପକଣ୍ଠ ଏକ ଶିକ୍ଷାନୁଷ୍ଠାନରେ ଚଳିତ ମାସ ପ୍ରଥମ ସପ୍ତାହରେ ଆରମ୍ଭ ହୋଇଥିଲା । ତେବେ ଏହି କ୍ୟାମ୍ପରେ ତାଙ୍କୁ ଭୀଷଣ ଜ୍ୱର ହୋଇଥିଲା । ପରିବାର ବର୍ଗ ପ୍ରାଥମିକ ଚିକିତ୍ସା କରିବା ସତ୍ତ୍ୱେ ଭଲ ହୋଇ ନ ଥିଲେ । ଏଣୁ ତାଙ୍କୁ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ରକ୍ତ ପରୀକ୍ଷା ବେଳେ ଡେଙ୍ଗୁ ଚିହ୍ନଟ ହୋଇଥିଲା । ତେବେ ସମ୍ପୃକ୍ତ ଛାତ୍ରଙ୍କ ଚିକିତ୍ସା ବର୍ତ୍ତମାନ ବଡ଼ ମେଡ଼ିକାଲ୍‌ର ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ଼ରେ ଚାଲିଛି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ଏନ୍‌ଆଇସିର ଅପ୍‌ଲୋଡରେ ତ୍ରୁଟି ଅଭିଯୋଗ

# ଘୁଞ୍ଚିଲା ପିଜି ମେରିଟ୍‌ଲିଷ୍ଟ ତାଲିକା ପ୍ରକାଶ ତାରିଖ

**ବ୍ରହ୍ମପୁର ଅଫିସ,୩୧।୭**

### ଆସନ୍ତା ୭ରେ ପ୍ରକାଶ ପାଇବ ତାଲିକା



ସ୍ନାତକୋତ୍ତର ପରିଷଦ କାର୍ଯ୍ୟାଳୟ(ଫାଇଲ ଫଟୋ) ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଚଳିତ ବର୍ଷ ସ୍ନାତକୋତ୍ତର ବିଭାଗଗୁଡ଼ିକର ନାମଲେଖା ପ୍ରକ୍ରିୟା ଆରମ୍ଭକୁ ନେଇ ଏବେ ପୁଣି ସମସ୍ୟା ଦେଖାଦେଇଛି । ଏନ୍‌ଆଇସିର ଅପଲୋଡିଂରେ ବିଳମ୍ବ ଓ ମାର୍କଲିଷ୍ଟ ତ୍ରୁଟି ଯୋଗୁ ସ୍ନାତକୋତ୍ତର ବିଭିନ୍ନ ବିଭାଗରେ ନାମଲେଖା ପାଇଁ ମେରିଟ୍‌ଲିଷ୍ଟ ତାଲିକା ପ୍ରକାଶରେ ନିୟୋଜିତ ବିଭାଗୀୟ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ପଡ଼ିଥିବା ନେଇ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ପୂର୍ବ ନିର୍ଦ୍ଧାରିତ ସମୟ ମଧ୍ୟ ସ୍କ୍ରୁଟିଂ ଆରମ୍ଭ ହୋଇପାରି ନ ଥିବାରୁ ସ୍ନାତକୋତ୍ତର ପରିଷଦ ପକ୍ଷରୁ ମେରିଟ୍‌ଲିଷ୍ଟ ପ୍ରକାଶ ତାରିଖକୁ ଘୁଞ୍ଚାଯାଇଥିବା ନେଇ ଚର୍ଚ୍ଚା ହୋଇଛି । ଅଗଷ୍ଟ ୧ ପରିବର୍ତ୍ତେ ୭ରେ ତାଲିକା ପ୍ରକାଶ କରିବାକୁ ପରିଷଦ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି । ତେବେ ସ୍କ୍ରୁଟିଂରେ ବିଳମ୍ବ ଯୋଗୁ ନାମଲେଖା ଓ ପାଠ୍ୟକ୍ରମ ଆରମ୍ଭରେ ମଧ୍ୟ ଚଳିତ ବର୍ଷ ବିଳମ୍ବ ହେବାକୁ ନେଇ ଏବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ପ୍ରକାରେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭିନ୍ନ ବିଭାଗରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଜୁଲାଇ ୧ ରୁ ୭ ମଧ୍ୟରେ ହେବାକୁ ସ୍ଥିର କରାଯାଇଥିଲା । ତେବେ କେତେକ ଛାତ୍ରୀଛାତ୍ରଙ୍କ ବିରୋଧ ପରେ ଜୁଲାଇ ୭ ରୁ ପରୀକ୍ଷା ହୋଇଥିଲା । ଅଗଷ୍ଟ ୧ରେ ମେରିଟ୍ ଲିଷ୍ଟ ପ୍ରକାଶ ନେଇ ପରିଷଦ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । କିନ୍ତୁ ମଙ୍ଗଳବାର ବିଳମ୍ବିତ ରାତିରେ ତାଲିକା ପ୍ରକାଶ ତାରିଖ ପରିବର୍ତ୍ତନ କରାଯାଇ ଅଗଷ୍ଟ ୭ କୁ ଘୁଞ୍ଚାଯାଇଥିବା ନେଇ ପରିଷଦ ପକ୍ଷରୁ ନୋଟିସ ପ୍ରକାଶ ପାଇଥିଲା। ତେବେ ତାଲିକା ପ୍ରକାଶର ଦିନକ ପୂର୍ବରୁ ଅଚାନକ ଭାବେ ମେରିଟଲିଷ୍ଟ ଓ ନାମଲେଖା ତାରିଖ ପରିବର୍ତ୍ତନ କରିବା କାରଣକୁ ନେଇ ବିଭିନ୍ନ ଚର୍ଚ୍ଚା ଜୋର ଧରିଥିଲା । ଏନ୍‌ଆଇସି ପକ୍ଷରୁ ବିଭିନ୍ନ ବିଭାଗକୁ ପଠାଯାଇଥିବା ଛାତ୍ରୀଛାତ୍ରଙ୍କ ମାର୍କଲିଷ୍ଟରେ ସିଜିପିଏ ଓ ପର୍ସେଣ୍ଟେଜରେ ତ୍ରୁଟି ଓ ସ୍କ୍ରୁଟିଂରେ ବିଳମ୍ବ ଯୋଗୁ ପରିଷଦ ପକ୍ଷରୁ ତାରିଖ ଘୁଞ୍ଚାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା । ଏନେଇ ସ୍ନାତକୋତ୍ତର ପରିଷଦ ପ୍ରଶାସନିକ ଅଧିକାରୀ(ଏଓ) ସତ୍ୟ ପାତ୍ରଙ୍କୁ ଯୋଗଯୋଗ ବେଳେ ସେ ଏହାକୁ ଖଣ୍ଡନ କରିଛନ୍ତି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଫାଇନାଲ ତଥା ପ୍ରୋଭିଜନାଲ ମାର୍କଶିଟ ପ୍ରକାଶରେ ବିଳମ୍ବ ଓ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ଆଦି ବିଷୟରେ ଅବେଦନକାରୀଙ୍କ ସଂଖ୍ୟା ସର୍ବାଧିକ ହୋଇଥିବା ଯୋଗୁ ବିଭାଗୀୟ ମୁଖ୍ୟ ଏବଂ ପରୀକ୍ଷା ନିୟନ୍ତ୍ରକଙ୍କ ଅନୁରୋଧ ପ୍ରକାରେ ତାଲିକା ପ୍ରକାଶ ତାରିଖ ଘୁଞ୍ଚାଯାଇଥିବା ଏଓ ପାତ୍ର କହିଛନ୍ତି। ଅଗଷ୍ଟ ୨୯ରୁ ବିଭାଗରେ ପାଠପଢ଼ା ଆରମ୍ଭ ହେବା ସହ ଚଳିତ ବର୍ଷଠାରୁ ନିର୍ଦ୍ଧାରିତ ସମୟରେ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସେ ସୂଚାଇଛନ୍ତି ।

## ଖଲ୍ଲିକୋଟ କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ପ୍ରଫେସର ପ୍ରଶାନ୍ତ କୁମାର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୩୧।୭**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ଶତପଥୀ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ବୁଧବାର ଗଣେଶ ହଲ୍‌ରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଉପାଧ୍ୟକ୍ଷା ଉତ୍ତମା ଜେନା ମଞ୍ଚାସୀନ ରହି ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଫେସର ଶତପଥୀଙ୍କ କର୍ତ୍ତବ୍ୟନିଷ୍ଠା, ଛାତ୍ରବତ୍ସଳତା, ଆଦର୍ଶ, ଆଧ୍ୟାତ୍ମିକ ଚିନ୍ତାଧାରା ଆଦି ସୁଗୁଣକୁ ସମସ୍ତେ ମନେ ପକାଇଥିଲେ। ଏହି ଅବସରରେ ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉପଢ଼ୌକନ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ବିଦାୟୀ ଅଧ୍ୟକ୍ଷ ପ୍ରଫେସର ଶତପଥୀ ସମ୍ବର୍ଦ୍ଧନାର ଉତ୍ତର ରଖିଥିଲେ । ଶେଷରେ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଧନ୍ୟବାଦ ଦେଇଥିଲେ । ତେବେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପର୍ଯ୍ୟନ୍ତ ଗଣିତ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିବେ ।

### ବର୍ଷା ଆଣିଲା ଖୁସି



ବିହନ ବୁଣିବା ପରେ ପଡ଼ିଆ ପଡ଼ିଥିଲା କ୍ଷେତ । ବର୍ଷା ପରେ ପୁଣି ଚାଷ କାର୍ଯ୍ୟରେ ବ୍ୟସ୍ତ ବ୍ରହ୍ମପୁର ସହର ଉପକଣ୍ଠର ଜଣେ ଚାଷୀ । (ଫଟୋ: ସମୀର)

## ୬ଶହ ଛାତ୍ରୀଙ୍କୁ ଚାରା ପ୍ରଦାନ

**ବ୍ରହ୍ମପୁର ଅଫିସ୍,୩୧।୭**

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର-୨ ପ୍ରାଙ୍ଗଣରେ ବୁଧବାର 'ପିଲାଟିଏ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ସବିତା ରାଣୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାରାରୋପଣର ଉଦ୍ଦେଶ୍ୟ ଓ ଏହାର ଉପଯୋଗିତା ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ପ୍ରତ୍ୟକ ଛାତ୍ରୀ ଗୋଟିଏ ଗୋଟିଏ ବୃକ୍ଷକୁ ସନ୍ତାନ ଭଳି ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ ବିଜୟ କୁମାର ବେହେରା ସ୍ଲୋଗାନ୍ ମାଧ୍ୟମରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଚାରୁସ୍ମିତା ଦାଶ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ଶେଷରେ ଶିକ୍ଷୟିତ୍ରୀ ସରୋଜା ପାଢ଼ୀ 'ବୃକ୍ଷ ଆମର ବନ୍ଧୁ' ଶୀର୍ଷକ ଗୀତ ମାଧ୍ୟମରେ ଛାତ୍ରୀମାନଙ୍କୁ ଏହାର ଯତ୍ନ ନେବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।

## ଚିନ୍ମୟଙ୍କ ଚିକିତ୍ସା ଖର୍ଚ୍ଚ ଦେବ ପ୍ରଶାସନ

**ବ୍ରହ୍ମପୁର ଅଫିସ୍,୩୧।୭**

ଅସ୍ୱାଭାବିକ ଭାବେ ଜିଭ ବଢ଼ିବା ଯୋଗୁ ଯନ୍ତ୍ରଣାରେ ଛଟପଟ୍ ହେଉଥିବା ବେଲଗୁଣ୍ଠା ବ୍ଲକ ସୁତୁମୁସର ଗ୍ରାମର ଛ' ବର୍ଷର ଶିଶୁ ଚିନ୍ମୟ ବରାଡ଼ଙ୍କୁ ବୁଧବାର ସାକ୍ଷାତ୍ କରିଛନ୍ତି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ। ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ଜିଲାପାଳ ପହଞ୍ଚି ଚିନ୍ମୟଙ୍କ ବାପା ଗୌରହରି ବରାଡ଼ ଏବଂ ମା' ମାଳଙ୍କ ସହ ଚିନ୍ମୟଙ୍କ ସମ୍ପର୍କରେ କଥା ହୋଇଥିଲେ । ତାଙ୍କ ଚିକିତ୍ସା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ଚିନ୍ମୟଙ୍କୁ କଟକ ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରାଯିବ। ସେଠାରେ ଡାକ୍ତରମାନେ ତାଙ୍କୁ ପରୀକ୍ଷା କରିବା ପରେ ଚିକିତ୍ସା ବିଷୟରେ ପରାମର୍ଶ ଦେବେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା ଆରମ୍ଭ ହେବ । ଦିଲ୍ଲୀ ଏମ୍‌ସ କିମ୍ବା ଦେଶର ଅନ୍ୟ ଯେକୌଣସି ମେଡ଼ିକାଲ୍‌ରେ ତାଙ୍କ ଚିକିତ୍ସା ହୋଇପାରିବ, ଜିଲା ପ୍ରଶାସନ ସେ ଦିଗରେ ପଦକ୍ଷେପ ନେବ । ଏପରିକି ଆବଶ୍ୟକ ଆର୍ଥିକ ସହାୟତା ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଗତ ୧ ତାରିଖରେ ଚିନ୍ମୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଜୟ ଜଗନ୍ନାଥ ଗ୍ରୁପ୍ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲାପାଳ ରେଡକ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ ।

ଚିନ୍ମୟଙ୍କୁ ମାତ୍ର ଛ'ମାସ ହୋଇଥିବା ବେଳେ ତାଙ୍କ ଜିଭ ଅସ୍ୱାଭିକ ଭାବେ ବଢ଼ିବାରେ ଲାଗିଥିଲା । ବାପା ଗୌରହରୀ ଜଣେ ଦିନ ମଜୁରିଆ ହୋଇଥିବା ଯୋଗୁ ତାଙ୍କର ଚିକିତ୍ସା କରାଇପାରି ନ ଥିଲେ । ତାଙ୍କ ସମସ୍ୟା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବହୁ ସ୍ୱେଚ୍ଛାସେବୀ ସଂଗଠନ ସହାୟତାର ହାତ ବଢ଼ାଇଥିଲେ। ଅନେକ ସଂଗଠନ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ହେଲେ ଚିକିତ୍ସା ପାଇଁ ସେ ଅର୍ଥ ଯଥେଷ୍ଟ ହେଉନାହିଁ। ଜିଲାର କେତେକ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଟୁଇଟ୍ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତୁରନ୍ତ ଚିନ୍ମୟଙ୍କ ଚିକିତ୍ସା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଆସିବା ପରେ ବୁଧବାର ଜିଲାପାଳ କୁଲାଙ୍ଗେ ନିଜେ ସିଟି ହସ୍‌ପିଟାଲ୍ ଆସିଥିଲେ ।

ଜିଲାପାଳ କୁଲାଙ୍ଗେ କହିଛନ୍ତି, ଚିନ୍ମୟଙ୍କ ପ୍ରାଥମିକ ଚିକିତ୍ସା ହୋଇଛି। କଟକ ବଡ଼ ମେଡ଼ିକାଲ୍‌କୁ ରେଫର୍ କରାଯାଇଛି। ଯେଉଁଠି ତାଙ୍କ ଚିକିତ୍ସା ହୋଇପାରିବ, ପ୍ରଶାସନ ସେ ଦିଗରେ ପଦକ୍ଷେପ ନେବ । ତାଙ୍କ ଚିକିତ୍ସାକୁ ଗୁରୁତ୍ୱ ଦିଆଯିବ । ଆବଶ୍ୟକ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାଣିଗ୍ରାହୀ କହିଛନ୍ତି, ଜିଭକୁ ଅନବରତ ରକ୍ତ ପ୍ରବାହ ହେଉଥିବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କଟକ ବଡ଼ ମେଡ଼ିକାଲକୁ ପଠାଯିବ । ଯଦି ଆବଶ୍ୟକ ପଡ଼େ ସେଠାରୁ ଦିଲ୍ଲୀ ଏମ୍‌ସରେ ଭର୍ତ୍ତି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ(ଭିବିଡ଼ି) ଡା. ଆର୍. ଜଗଦୀଶ ପଟ୍ଟନାୟକ, ସିଟି ହସ୍‌ପିଟାଲ୍‌ର ଅଧୀକ୍ଷକ ଡା. ପି.କୁର୍ମୈୟା, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜୟ ଜଗନ୍ନାଥ ଗ୍ରୁପ୍‌ର ଆଡମିନ୍ କାର୍ତ୍ତିକ ପାଣିଗ୍ରାହୀ, ସଭାପତି ରାଜେନ୍ଦ୍ର ପାତ୍ର, ମିଡ଼ିଆ ମୁଖପାତ୍ର ରଞ୍ଜନା ମିଶ୍ର, ମମତା ପାତ୍ର ପ୍ରମୁଖ ଚିନ୍ମୟଙ୍କ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କ ପାଇଁ ସହାୟତା ଯୋଗାଡ଼ାରେ ପ୍ରମୁଖ ଭୂମିକା ନେଉଛନ୍ତି ।



ଚିନ୍ମୟଙ୍କ ମା' ଓ ବାପାଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ।

■ ଗଞ୍ଜାମ ଜିଲା ଭାଜପାର ଦାବି

## ଗିରଫ ବିସ୍ଥାପିତଙ୍କୁ ବିନା ସର୍ତ୍ତରେ ଖଲାସ କରାଯାଉ

**ବ୍ରହ୍ମପୁର ଅଫିସ,୩୧।୭**

- ■ ନଚେତ ଜୋରଦାର ହେବ ଆନ୍ଦୋଳନ
- ■ କମ୍ପାନୀର ହସ୍ପିଟାଲ ପାଇଁ ଦିଆ ନ ଯାଉ ଶୀତଳାପଲ୍ଲୀ ଜମି

ଟାଟା କମ୍ପାନୀ ଅଭିଯୋଗରେ ପୋଲିସ ଗିରଫ କରି ବିଚାର ବିଭାଗ ହାଜତକୁ ପଠାଇଥିବା ବିସ୍ଥାପିତ ପରିବାରର ୭୮ ଜଣଙ୍କୁ ଅବିଳମ୍ବେ ବିନା ସର୍ତ୍ତରେ ଖଲାସ କରିବାକୁ ଗଞ୍ଜାମ ଜିଲା ଭାଜପା ଦାବି କରିଛି। ନଚେତ୍ ଏହାର ପ୍ରତିବାଦରେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ବୁଧବାର ଜିଲା ସଭାପତି କାହ୍ନୁ ଚରଣ ପତି କହିଛନ୍ତି, ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନାଁରେ ଟାଟା କମ୍ପାନୀ ଛତ୍ରପୁର ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ସାଢ଼େ ୩ ହଜାର ଏକର ଜମି କମ୍ ମୂଲ୍ୟରେ ଅଧିଗ୍ରହଣ କରିଛି । ସେତେବେଳେ ରାଜ୍ୟର ତତ୍କାଳୀନ କଂଗ୍ରେସ ସରକାର କମ୍ପାନୀକୁ ସମସ୍ତ ଅନୁକମ୍ପା ଦେଇଥିଲା। ଘରୋଇ ଜମି ନ ଛାଡ଼ିବା ପାଇଁ ଆନ୍ଦୋଳନ ଚଳାଇଥିବା ମାଲିକମାନଙ୍କୁ ଭୟଭୀତ କରି ଜବରଦସ୍ତ ନିଆଯାଇଥିଲା। ୧୯୯୬ରୁ ଜମି ଦଖଲ ପ୍ରକ୍ରିୟା ଆରମ୍ଭ କରିବାର ଏବେ ୨୩ ବର୍ଷ ବିତିଛି। ତେବେ ଇସ୍ପାତ କାରଖାନା ପ୍ରତିଷ୍ଠା କରା ନ ଯାଇ ଅଧିକୃତ ଜମି ପଡ଼ିଆ ରଖାଯାଇଛି ।

ଭାଜପା ଜିଲା ସଭାପତି ଆହୁରି କହିଛନ୍ତି, ଜମି ଦଖଲ ପାଇଁ ପୋଲିସ ଓ ପ୍ରଶାସନିକ କଳର ସହାୟତାରେ ଶହ ଶହ ପରିବାରକୁ ବିସ୍ଥାପିତ କରାଯାଇଥିଲା। ସେହି ପରିବାର ପିଲାଙ୍କୁ ଚାକିରି ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ । କେନ୍ଦ୍ର ସରକାରଙ୍କ ନିୟମ ପ୍ରକାରେ ଜମି ଦଖଲର ୧୦ ବର୍ଷକ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ନ କଲେ ବିସ୍ଥାପିତଙ୍କୁ ସେହି ଜମି ଫେରସ୍ତ କରୁନାହିଁ। ସୂଚନାଯୋଗ୍ୟ, ଛତ୍ରପୁର ଓ ଗୋପାଳପୁର ଅଞ୍ଚଳର ଶହ ଶହ ଏକର ଜମିରେ ହୋଇଥିବା କିଆଫୁଲ ଚାଷ ଟାଟା କମ୍ପାନୀ ଦ୍ୱାରା ନଷ୍ଟ ହୋଇଛି । ଫଳରେ କେବଳ କିଆ ଚାଷ ଉପରେ ନିର୍ଭର କରୁଥିବା ଚାଷୀ ଏବଂ ଶ୍ରମିକମାନଙ୍କ ଅର୍ଥନୈତିକ ସ୍ଥିତି ଦୁଇ ଦଶନ୍ଧି ହେବ ବିଗାଡ଼ି ଦେଇଛି । ତେଣୁ ଦିନକୁ ଦିନ ଅସନ୍ତୋଷ ବଢ଼ି ଚାଲିଛି। ବିସ୍ଥାପିତଙ୍କ ପକ୍ଷରୁ ବିଭିନ୍ନ ସମୟରେ ଅନେକ ଆନ୍ଦୋଳନ ହୋଇଛି। ବିଭିନ୍ନ ମହଲରୁ ଜମି ଫେରସ୍ତ ଦାବି ଜୋରଦାର ହେବାରୁ ଭୂଆଁ ବୁଲାଇବା ପାଇଁ ଅଳ୍ପ କେତେକ ଜମିରେ କମ୍ପାନୀ ଶିଳ୍ପାଞ୍ଚଳ ପାର୍କ ନିର୍ମାଣ କରୁଛି । ତାହା ମଧ୍ୟ ଏବେ ଅସମ୍ପୂର୍ଣ୍ଣ ରହିଛି । ତେଣୁ ଜମି ଫେରାଅ ନ ଚେତ ବିସ୍ଥାପିତଙ୍କୁ ନିଯୁକ୍ତି ଦାବି ନେଇ ଆନ୍ଦୋଳନ ଏବେ ତୀବ୍ର ହୋଇଛି । ଏହାକୁ ଦମନ କରିବା ପାଇଁ ଆନ୍ଦୋଳନକାରୀଙ୍କ ବିରୋଧରେ କମ୍ପାନୀ କର୍ତ୍ତୃପକ୍ଷ ମିଥ୍ୟା ମାମଲା କରି ଗତ ମଙ୍ଗଳବାର ୭୮ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଦର୍ଶାଇ ଭାଜପା ଜିଲା ସଭାପତି ଘୋର ନିନ୍ଦା କରିଛନ୍ତି । ସମସ୍ୟାର ସମାଧାନ ଏବଂ ଗିରଫ ବିସ୍ଥାପିତ ଲୋକଙ୍କୁ ଛଡ଼ା ନ ଗଲେ ଆନ୍ଦୋଳନ ପୁନର୍ବାର କରାଯିବାର ପତି ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଇସ୍ପାତ କାରଖାନାରୁ ଦୂରେଇଥିବା ଟାଟା କମ୍ପାନୀ ଶୀତଳାପଲ୍ଲୀରେ ମଲଟି ଫ୍ୟାସିଲିଟି ହସ୍ପିଟାଲ ପ୍ରତିଷ୍ଠା ଲାଗି ମନ ବଳାଇଛି । ସେଥିପାଇଁ ୪୫.୦୫ ଏକର ସରକାରୀ ଜମି ଦିଆଯିବାର ଗତ ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହାକୁ ମଧ୍ୟ ଜିଲା ଭାଜପା ଖୋଲା ବିରୋଧ ସହ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି ।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ :କୋଠା ଭୁଶୁଡ଼ିବା ଘଟଣା

## ଇଣ୍ଟରନାଲ କମିଟି ଦେଲା ପ୍ରାଥମିକ ରିପୋର୍ଟ

**ବ୍ରହ୍ମପୁର ଅଫିସ,୩୧।୭**



ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଏକ ହଷ୍ଟେଲ କୋଠା ।

- ■ ସମସ୍ତ କୋଠା ମରାମତିରେ ହୋଇଛି ଅବହେଳା
- ■ କୁଳପତିଙ୍କ ଟେବୁଲରେ ପଡିଛି ଏଷ୍ଟିମେଟ୍ ଫାଇଲ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶାବେରୀ ଛାତ୍ରୀନିବାସ ଶୌଚାଳୟ କୋଠା ଭୁଶୁଡ଼ିବା ପରେ ଏବେ ଅନ୍ୟ କୋଠା ମରାମତିରେ କର୍ତ୍ତୃପକ୍ଷଙ୍କ ଅବହେଳା ପଦାକୁ ଆସୁଛି। ବିନା ବିମ୍‌ରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରାବାସ କୋଠା ପଚ୍ଛପାର୍ଶ୍ୱ ନିର୍ମାଣ କରାଯାଇଥିବା ବେଳେ ଏହାର କାନ୍ଥ ଏବେ ଦୁର୍ବଳ ଅବସ୍ଥାରେ ରହିଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଠିତ ଇଣ୍ଟରନାଲ କମିଟି ମଙ୍ଗଳବାର ପ୍ରାଥମିକ ରିପୋର୍ଟରେ ଦର୍ଶାଇଛି । ଦୀର୍ଘ ୩୦ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟରେ ଥିବା କୌଣସି କୋଠା ଠିକ୍ ମରାମତି ହୋଇ ନ ଥିବା ବେଳେ ଛାତ୍ରୀନିବାସ, ଛାତ୍ରାବାସ ଓ ବିଭିନ୍ନ ବିଭାଗ କୋଠା ମରାମତିରେ ଅବହେଳା ହୋଇଥିବା ଘଟଣା ପଦାକୁ ଆସିଛି ।

ଏନେଇ ପୂର୍ବରୁ ବିଶ୍ୱବିଦ୍ୟାଳୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ କୋଠା ମରାମତି କାର୍ଯ୍ୟ ପାଇଁ ଦିଆଯାଇଥିବା ଏଷ୍ଟିମେଟ ଫାଇଲ କୁଳପତିଙ୍କ ଟେବୁଲରେ ଦୀର୍ଘ ମାସ ଧରି ପଡି ରହୁଥିବାରୁ ମରାମତି କାର୍ଯ୍ୟରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି । ଏହାବ୍ୟତୀତ ଦୀର୍ଘ ୩ ବର୍ଷ ଧରି ସିଭିଲ ଜେଇ ପଦବୀ ଖାଲି ପଡିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ନ ଦେବାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

କୋଠା ଭୁଶୁଡ଼ିବା ଘଟଣାର ୬ ଦିନ ପରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ଦ୍ୱାରା ଯାଞ୍ଚ ପାଇଁ ଗଠିତ ଇଣ୍ଟରନାଲ ଟିମ୍ ତାର ପ୍ରାରମ୍ଭିକ ରିପୋର୍ଟ କୁଳସଚିବ ରଞ୍ଜନ ବିଶ୍ୱାଳଙ୍କୁ ଦେଇଥିବା ଜଣାପଡିଛି। ପ୍ରାଥମିକ ରିପୋର୍ଟରେ ସମସ୍ତ ଛାତ୍ରାବାସର ଯାଞ୍ଚ ରିପୋର୍ଟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ତେବେ କମିଟି ଯାଞ୍ଚ ବେଳେ ଛାତ୍ରାବାସ କୋଠା ନିର୍ମାଣରେ ତ୍ରୁଟି ଥିବା ତଥ୍ୟ ପଦାକୁ ଆସିଛି। ୩୦ ବର୍ଷ ପୁରୁଣା ଛାତ୍ରାବାସ କୋଠାଗୁଡିକର ପଚ୍ଛପାର୍ଶ୍ୱ ବିନା ବିମ୍ ତଥା ପିଲରରେ ନିର୍ମାଣ ହୋଇଥିବା କମିଟି ରିପୋର୍ଟରେ ଦର୍ଶାଇଛି । ଦୀର୍ଘ ବର୍ଷ ଧରି ଛାତ୍ରାବାସ ମରାମତି କାର୍ଯ୍ୟ ଠିକ୍ କରାଯାଇ ନ ଥିବାରୁ କାନ୍ଥରେ ଗଛ ଉଠିବା ସହ ବିଭିନ୍ନ ରୁମ୍ ଛାତଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହାବ୍ୟତୀତ ପ୍ରତି ଛାତ୍ରାବାସ କୋଠା ଉପର ମହଲାରେ ୬ ରୁ ୭ ପାଣିଟ୍ୟାଙ୍କ ରହିଛି। ଯେଉଁଥିରେ ପ୍ରାୟ ୭୦୦୦ ଲିଟର ପାଣି ରହୁଛି। ଫଳରେ କୋଠାଗୁଡିକର ଛାତ ଦୁର୍ବଳ ହୋଇପଡ଼ିଥିବା କମିଟି ରିପୋର୍ଟରେ ଦର୍ଶାଇଥିବା ଜଣାପଡିଛି । ୬ମାସ ପୂର୍ବରୁ ୫ମ ଛାତ୍ରାବାସ କୋଠା ମରାମତି ପାଇଁ ୧.୯୬ ଲକ୍ଷ ଟଙ୍କା ଓ ଏମ୍‌ବିଏ ବିଭାଗ କୋଠା ମରାମତି ପାଇଁ ୫ ଲକ୍ଷ ଟଙ୍କାର ଏଷ୍ଟିମେଟ କୁଳପତିଙ୍କ ନିକଟକୁ ପଠାଯାଇଛି । ୬ ମାସ ଧରି ସେହି ଫାଇଲ କୁଳପତିଙ୍କ ପାଖରେ ପଡି ରହିଥିବା ଉନ୍ନୟନ ଅଧିକାରୀ(ଡିଓ) ସୁଶାନ୍ତ କୁମାର ଗନ୍ତାୟତ କହିଛନ୍ତି ।

## ସଂକ୍ଷେପରେ

### ଥାନାରେ ମହିଳା, ଶିଶୁ ଡେସ୍କ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ

ଛତ୍ରପୁର,୩୧।୭(ଡି.ଏନ.ଏ.)-ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଶିଶୁମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଶିଶୁ ସୁରକ୍ଷା ଦିଗରେ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ତୁଲାଇବା ସହ ସୁରକ୍ଷା ଅଧିନିୟମ-୨୦୧୨ କୁ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାର ସମସ୍ତ ଥାନାରେ ମହିଳା ଓ ଶିଶୁ ଡେସ୍କ ରହିଛି। ଏଗୁଡିକ କିଭଳି ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫଳରେ ମହିଳା ଓ ଶିଶୁମାନେ ସୁରକ୍ଷିତ ରହିପାରିବେ ବୋଲି କୁହାଯାଇଥିଲା। ବୈଠକରେ ମହିଳା ଓ ଶିଶୁ ଡେସ୍କ ଇନ୍‌ଚାର୍ଜମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତିକୃଷ୍ଣ ବେହେରା, ଜେଣ୍ଡର କୋଅର୍ଡିନେଟର ଜ୍ୟୋତି ପ୍ରକାଶ ରଥ, ଚାଇଲ୍ଡ ଲାଇନ୍ ସଂଯୋଜକ ସାଇ ପ୍ରସାଦ ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଜିଲା କିଶୋର ନ୍ୟାୟ ବୋର୍ଡ ସଦସ୍ୟା ଭାରତୀ ପାଢୀ, ଗଜପତି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସୁବାସ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ବିସ୍ତୃତଭାବେ ଆଲୋଚନା କରିଥିଲେ। ଏହି ଅଧିନିୟମରେ ଥିବା କଠୋର ଦଣ୍ଡ ବିଧାନ ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଦାମ ପାଣିଗ୍ରାହୀ ଓ ଶିବ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ନିଖୋଜର ୧୨ ବର୍ଷ ପରେ ଏତଲା

ଦିଗପହଣ୍ଡି,୩୧।୭(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଓଡ଼ାସିଙ୍ଗି ଗ୍ରାମର ତ୍ରିଲୋଚନ ବେହେରା ଗତ ୧୨ ବର୍ଷ ହେଲା ନିଖୋଜ ଥିବା ତାଙ୍କ ବଡ଼ଭାଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ୨୦୦୭ ମାର୍ଚ୍ଚ ୫ ତାରିଖରୁ ତ୍ରିଲୋଚନ ନିଖୋଜ ଥିବା ଏତଲାରେ ଦର୍ଶାଯାଇଛି। ଏତଲାକୁ ଭିତ୍ତିକରି ଥାନାରେ ନିଖୋଜ ମାମଲା ନଂ. ୨୧/୧୯ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା

ସୋରଡ଼ା,୩୧।୭(ଡି.ଏନ.ଏ.)-ସୋରଡ଼ା ବ୍ଲକ ବାଘଲିଙ୍ଗିର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ଦାଶ ଓ ଲୋକାମାରୀର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଗୌଡ଼ଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ବେହେରା ଅବସରପ୍ରାପ୍ତ ଶିକ୍ଷକ ଦ୍ୱୟଙ୍କୁ ପ୍ରୋଭିଜିନାଲ ପେନ୍‌ସନ, ଗ୍ରାଚ୍ୟୁଟି ଓ କମ୍ୟୁଟେସନ ଆଦି ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ମୁଖ୍ୟ କିରାଣି ଓମ୍‌କାର ଦତ୍ତ ପଟ୍ଟନାୟକ, ମନୋରଞ୍ଜନ ନନ୍ଦ, ଦିଲୀପ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶୀଳ ପାତ୍ର, ଅର୍ଣ୍ଣୁଲୁ ସେଠୀଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

### ଏନ୍‌ଏସି କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୩୧।୭(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ବୁଧବାର ପୌର କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ପୀତବାସ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ସଂଘ ଉପସଭାପତି ଜଗଦୀଶ ପଣ୍ଡା, ସମ୍ପାଦକ ଅଶୋକ କୁମାର ସାହୁ, ନୋଡାଲ ଅଧିକାରୀ କାଳୀ ଚରଣ ରଥ, କୋଷାଧ୍ୟକ୍ଷ ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭାଗିରଥି ପଣ୍ଡାଙ୍କୁ ସଂଘ ତରଫରୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବୈଠକରେ ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥ ମରଣଯନ୍ତା
# ଭାରୀଯାନ ଚଳାଚଳ ବନ୍ଦ ଦାବି

**ଛତ୍ରପୁର,୩୧।୭(ଡି.ଏନ.ଏ.)**


ଲୋକେ ଏଡିଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି।

- ଏଡିଏମ୍‌ଙ୍କୁ ଭେଟିଲେ କଣମଣା ପଞ୍ଚାୟତବାସୀ
- ଦୁର୍ଘଟଣାରେ ଛାତ୍ରୀ ଆହତ

ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତ ଦେଇ ଭାରୀଯାନ ଚଳାଚଳ କରୁଥିବାରୁ ପଞ୍ଚାୟତବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏହି ପଞ୍ଚାୟତ ଅଧୀନ ପୁରୁଣା ଛତ୍ରପୁର, ଟାକରିଆବ୍ରହ୍ମପୁର, କଣମଣା ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସେହିପରି ଉକ୍ତ ପଞ୍ଚାୟତ ଅଧୀନ ମାଟିଖାଲ ଗାଁ ରାସ୍ତା ଅଣଓସାରିଆ। ଏହା ଆର୍‌ଡି ରାସ୍ତା। ଏଥିରେ ୧୦ ଟନ୍ ବିଶିଷ୍ଟ ଯାନବାହନ ଚଳାଚଳ କରିବାର କ୍ଷମତା ରହିଛି। ମାତ୍ର ଏହି ରାସ୍ତା ଦେଇ ୫୦ ଟନ୍ କ୍ଷମତା ବିଶିଷ୍ଟ ଶତାଧିକ ଯାନ ପୋର୍ଟକୁ ଦୈନିକ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛି। ଫଳରେ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଏଣୁ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ବୁଧବାର ପଞ୍ଚାୟତର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀଙ୍କୁ ଭେଟି ଏ ସମ୍ପର୍କରେ ଦାବି କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତେବେ ଜିଲାପାଳ ହିଁ ନିଷ୍ପତ୍ତି ନେଇପାରିବେ ଏବଂ ତାଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବି ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଅପରପକ୍ଷରେ ବୁଧବାର ପୂର୍ବାହ୍ନରେ ପଥର ଗାଡି ଚଳାଚଳ ପାଇଁ ହୋଇଥିବା ଦୁର୍ଘଟଣାରେ ଛତ୍ରପୁର କଲେଜ ଛାତ୍ରୀ ତଥା ମାଟିଖାଲ ଗାଁର ପୂଜା ପ୍ରଧାନ ଆହତ ହୋଇଥିଲେ। ସେ ମଧ୍ୟ ଏଡିଏମ୍‌ଙ୍କୁ ଭେଟି ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ କଣମଣା ସରପଞ୍ଚ ଏସ୍.ଚକ୍ରପାଣି ରେଡ୍ଡୀ, ସମିତିସଭ୍ୟା ରଶ୍ମିତା ବେହେରାଙ୍କ ସମେତ ବିଭିନ୍ନ ଗାଁର ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରକାଶଯୋ, ଦୈନିକ ଶତାଧିକ ଗାଡି ଜାତୀୟ ରାଜପଥରେ ଅଟକି ରହୁଛି। ଏଥିପାଇଁ ଜାତୀୟ ରାଜପଥ ଏକ ପ୍ରକାର ମରଣଯନ୍ତା ପାଲଟିଛି। ରାଜପଥରେ ଯାତାୟାତ କରିବାରେ ଲୋକଙ୍କୁ ଘୋର ଅସୁବିଧା ହେବାରେ ଲାଗିଛି। ମାତ୍ର ପ୍ରଶାସନ କୌଣସି ଚୂଡାନ୍ତ ନିଷ୍ପତ୍ତି ନ ନେବାରୁ ଲୋକେ ଏହି ସମସ୍ୟା ଭୋଗି ଚାଲିଛନ୍ତି। ପୂର୍ବରୁ ଉକ୍ତ ଗାଡି ଚଳାଚଳକୁ ବିରୋଧ କରିବା ଉପରେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ପରେ ୧୫ ତାରିଖରେ ଏକ ତ୍ରିପାକ୍ଷିକ ବୈଠକ ବସି ୧୮ ତାରିଖ ପରେ ଆଉ ଭାରୀଯାନ ଚଳାଚଳ କରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହାପରେ ମଧ୍ୟ ଗାଡି ଚାଲିଥିଲା। ପୁଣି ୨୨ ତାରିଖରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ବସିଥିଲା। ଅଟକି ଥିବା ଗାଡିଗୁଡିକୁ ଛଡାଯିବ ଏବଂ ଆଉ ଗାଡି ଆସିବା ଉପରେ ସ୍ଥଗିତାଦେଶ ଜିଲାପାଳ ଦେଇଥିଲେ। ମାତ୍ର ଏବେ ବି ଗାଡି ଆସୁଛି। ଏହି ସମସ୍ୟାର ସମାଧାନ ପାଇଁ ପଞ୍ଚାୟତବାସୀ ଦାବି କରିଥିଲେ।

## ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଶୁଭାରମ୍ଭ

**ଚିକିଟି,୩୧।୭(ଡି.ଏନ.ଏ.)**

ଚିକିଟିପେଣ୍ଠ ସ୍ଥିତ ହାପି ୱାରଲଡ୍ କମ୍ପ୍ୟୁଟର ସେଣ୍ଟରରେ ଚିକିଟି ଷ୍ଟେଟ୍‌ବ୍ୟାଙ୍କ ଓ ହାପି ୱାରଲଡ କମ୍ପ୍ୟୁଟର ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବୁଧବାର ଅପରାହ୍ନରେ ଡିଜିଟାଲ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏସ୍‌ବିଆଇ ଶାଖାର କର୍ମଚାରୀ ସୁଶାନ୍ତ ଶେଖର ସେଠୀ ଓ ବଳରାମ ବେହେରା ଯୋଗଦେଇ ଅନ୍‌ଲାଇନ୍ ବାୟୋମେଟ୍ରିକ୍ ଯନ୍ତ୍ର ଓ ୟୋନୋ ଆପ୍ଲିକେସନ୍‌ରେ କିପରି ବ୍ୟାଙ୍କ ସେବା ପାଇପାରିବେ ଏବଂ ସାଇବର ଠକେଇକୁ କିପରି ବନ୍ଦ କରିପାରିବା ସେ ଉପରେ ଆଲୋକପାତ କରିଥିଲେ। ଚିକିଟି ଷ୍ଟେଟ୍‌ବ୍ୟାଙ୍କର ପରିଚାଳକ ଦିପକ ପାତ୍ରଙ୍କ ଉପସ୍ଥିତିରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ଗୋଟାଏ ବାୟୋମେଟ୍ରିକ୍ ଯନ୍ତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପରିଚାଳକ ଶ୍ୟାମ ସୁନ୍ଦର ସାହୁ, ଅଧ୍ୟକ୍ଷ ନୀଳମାଧବ ସାହୁ ପରିଚାଳନା କରିଥିଲେ।

## ଗଞ୍ଜାମ ପୋଲିସ ଜିଲାରେ ପରୀ-୩ ଆରମ୍ଭ


ବୈଠକରେ ଉପସ୍ଥିତ ଏସପି ଓ ଅନ୍ୟମାନେ

**ଛତ୍ରପୁର,୩୧।୭(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲାରେ ମଙ୍ଗଳବାରଠାରୁ ଅପରେଶନ ପରୀ-୩ ଆରମ୍ଭ ହୋଇଛି। ନିଖୋଜ ଶିଶୁମାନଙ୍କୁ ଖୋଜିବା ସହ ସେମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଡ୍ରାଇଭ୍ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ। ଏ ନେଇ ବୁଧବାର ଛତ୍ରପୁରସ୍ଥିତ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଂଜାମ ଏସପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରିଥିଲେ। ପୂର୍ବରୁ ପରୀ-୧ ଓ ୨ ସ୍ପେଶାଲ ଡ୍ରାଇଭରେ ପୋଲିସକୁ ନିଖୋଜ ଶିଶୁ ଠାବ ଓ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବାରେ ସଫଳତା ମିଳିଥିଲା। ତେଣୁ ପରୀ-୩ର ସଫଳତା ଉପରେ ଏସପି ଗୁରୁତ୍ୱାରୋପ କରିବା ସହ ସବୁ ବିଭାଗ ଓ ଥାନା ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଢାବା, କାଜୁ ଫ୍ୟାକ୍ଟ୍ରି ଓ ବ୍ୟବସାୟିକ ପ୍ରତିଷ୍ଠାନ ଯାଞ୍ଚ କରାଯାଇ ସେଠାରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ। ଆବଶ୍ୟକସ୍ଥଳେ ଉଦ୍ଧାର ଶିଶୁଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବା ସେମାନଙ୍କ ରହିବା ଓ ଖାଇବା ପାଇଁ ସରକାର ଅନୁଦାନ ଦେବେ। ସେହିପରି ବାଲ୍ୟ ବିବାହ ରୋକିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଚାଇଲ୍ଡ ଲାଇନ୍‌କୁ ପୋଲିସ ଅଧିକାରୀ ସହାୟତା କରିବେ ବୋଲି କୁହାଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଛତ୍ରପୁର ଏସଡପିଓ ଉତ୍କଳ କେଶରୀ ଦାଶ, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସମେତ ବିଭିନ୍ନ ଥାନା ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

## ଜେଲରେ ୭୮ ଶ୍ରମିକ
### ପ୍ରତିବାଦରେ ପରିବାର ଲୋକଙ୍କ ଧାରଣା

**ଛତ୍ରପୁର,୩୧।୭(ଡି.ଏନ.ଏ)**

ଚମାଖଣ୍ଡି ଥାନା ଟାଟା ପ୍ରକଳ୍ପରେ ହୋଇଥିବା ଭଙ୍ଗାରୁଜା ମାମଲାରେ ସମ୍ପୃକ୍ତ ୭୮ ଜଣ ଶ୍ରମିକଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ମେଡିକାଲ ଚେକ୍‌ଅପ୍ ସରିବା ପରେ ମଙ୍ଗଳବାର ବିଳମ୍ବିତ ରାତିରେ ସମସ୍ତ ଶ୍ରମିକଙ୍କୁ କୋର୍ଟଚାଲାଣ କରାଯାଇଥିଲା। ମଧ୍ୟରାତିରେ ସେମାନଙ୍କୁ ଛତ୍ରପୁର ସବ୍‌ଜେଲକୁ ପଠାଯାଇଥିଲା। ୧୧ ଘଣ୍ଟାରୁ ଉର୍ଦ୍ଧ୍ୱ ଏମାନେ ଛତ୍ରପୁରସ୍ଥିତ ପୋଲିସ ଆରଆଇ ଅଫିସ ପରିସରରେ ଅଟକ ରହିଥିଲେ। ଏହା ପ୍ରତିବାଦରେ ମଙ୍ଗଳବାର କୋର୍ଟ ଚାଲାଣ ପର୍ଯ୍ୟନ୍ତ ସେମାନଙ୍କ ପରିବାର ପୋଲିସ ଆରଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଶ୍ରମିକଙ୍କୁ ଛାଡିବା ଦାବିରେ ପରିବାର ଲୋକେ ବୁଧବାର ଟାଟା ପ୍ରକଳ୍ପ ଆଗରେ ଧାରଣା ଦେଇଛନ୍ତି। ପ୍ରକାଶଯୋଗ୍ୟ ଟାଟା ଷ୍ଟିଲ୍‌ରେ ନିଯୁକ୍ତି ଦାବି କରି ୭୮ ଶ୍ରମିକ ଶନିବାରରୁ ପ୍ରକଳ୍ପ ପରିସରରେ ଧାରଣା ଦେଇଆସୁଥିଲେ। ପୂର୍ବରୁ ଟାଟା ପ୍ରକଳ୍ପରେ ହୋଇଥିବା ଭଙ୍ଗାରୁଜା ମାମଲାରେ ସମ୍ପୃକ୍ତ ଶ୍ରମିକମାନଙ୍କୁ ମଙ୍ଗଳବାର ପୋଲିସ ୨ଟି ଭ୍ୟାନ୍‌ରେ ଉଠାଇ ଆଣିଥିଲା। ପରେ ମଙ୍ଗଳବାର ସନ୍ଧ୍ୟାରେ ଏମାନଙ୍କୁ ଗିରଫ କରାଯାଇଥିବା ସମ୍ପର୍କରେ ପୋଲିସ ପକ୍ଷରୁ କୁହାଯାଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ବିଦାୟୀ ଅଧ୍ୟକ୍ଷ ଓ ଅଧ୍ୟାପକ କର୍ମଚାରୀ।

**ଆସିକା,୩୧।୭(ଡି.ଏନ୍.ଏ)**

ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ସୁବୁଦ୍ଧି ବୁଧବାର ଅବସର ଗ୍ରହଣ କରିଛନ୍ତି। ଏହି କଲେଜର ଇଂଲିଶ ବିଭାଗ ମୁଖ୍ୟ ଡ. ତାରାପ୍ରସାଦ ଦାସ ଅପରାହ୍ନରେ କଲେଜର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୁବୁଦ୍ଧି ୨୦୧୭ ଜୁନରୁ ଏଠାରେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇ ଆସିଥିଲେ। ମଧ୍ୟାହ୍ନରେ କଲେଜ ସଭା ଗୃହରେ ସୁବୁଦ୍ଧିଙ୍କୁ ଛାତ୍ରୀଛାତ୍ର ଓ ଅଧ୍ୟାପକ,କର୍ମଚାରୀଙ୍କ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଅବସର ଗ୍ରହଣ କରିଥିବା ବରିଷ୍ଠ କିରାଣି ରାମଶରଣ ମହାପାତ୍ର, ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଡ.ଦେବୀ ପ୍ରସାଦ ସାମନ୍ତ, ଡ. ପ୍ରଫୁଲ୍ଲ ଚନ୍ଦ୍ର ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଅଧ୍ୟକ୍ଷ ତାରାପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଜିବାନନ୍ଦ ତ୍ରିପାଠୀ, ଡ. ଶେକ ସୟଦ, ଅଧ୍ୟାପିକା ସସ୍ମିତା ପାତ୍ର, ଅଧ୍ୟାପକ ଦେବବ୍ରତ ସାହୁ, ପ୍ରମୋଦ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାୟଗୁରୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପାଢୀ, ଡ. ସ୍ମିତାରାଣୀ ପଣ୍ଡା, ଅଧ୍ୟାପକ ସରୋଜ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସମ୍ପତ୍ତି ଭାଗବଣ୍ଟାକୁ ନେଇ ଆକ୍ରମଣ ଘଟଣା: ଜେଲ ଗଲେ ୨ ଭାଇ

**ଦିଗପହଣ୍ଡି,୩୧।୭(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ମଙ୍ଗରାଜପୁର ଗ୍ରାମରେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ୩ ଭାଇଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏସ.ଚୁକୁନା ରେଡ୍ଡୀ ଓ ତାଙ୍କ ଭାଇ ଏମ. ମିଥୁନ। ବୁଧବାର ୨ ଭାଇଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ପତ୍ତି ଭାଗବଣ୍ଟାକୁ ନେଇ ଗତ ୨୦ ତାରିଖ ସନ୍ଧ୍ୟାରେ ୩ ଭାଇ ଏମ. ରାଜି ରେଡ୍ଡୀ ଓ ତାଙ୍କ ୨ ଭାଇ ଚୁକୁନା ଏବଂ ମିଥୁନଙ୍କ ମଧ୍ୟରେ କଥା କଟାକଟି ସହ ଧସ୍ତାଧସ୍ତି ହୋଇଥିଲା। ରାଜିଙ୍କୁ ଅନ୍ୟ ୨ ଭାଇ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ସୁସ୍ଥ ହୋଇ ଫେରିବା ପରେ ଏ ନେଇ ରାଜି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ଗୌରାଙ୍ଗ ଚରଣ ସାହୁ ଘଟଣାର ତଦନ୍ତ କରି ମାମଲା ନଂ. ୧୩୭/୧୯ ଅନୁଯାୟୀ ଅଭିଯୁକ୍ତ ୨ ଭାଇ ଚୁକୁନା ଓ ମିଥୁନଙ୍କ ନାମରେ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ପୋଲିସ ଅଧିକାରୀ ଏସଆଇ ମାଧବ ଚନ୍ଦ୍ର ଟାକ୍‌ରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଗିରଫ କରିଥିଲେ।

## ଆତ୍ମ ସୁରକ୍ଷା ତାଲିମ ଶିବିର

**ବୁଗୁଡ଼ା,୩୧।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଡାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବୁଧବାର ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଉଦଘାଟନ କରିଥିଲେ। ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ଧୋବା ନାୟକ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ଶିଖିବାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଆରପି ଭାବେ ମାନସୀ କୁମାରୀ ଦାଶ ଓ ବୈଜୟନ୍ତୀ ମାଳା ପ୍ରଧାନ ପ୍ରମୁଖ ତାଲିମଦାତ୍ରୀ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପିଡି


ବ୍ଲକ କାର୍ଯ୍ୟାଳୟରେ ପିଡ଼ି ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

**ଶେରଗଡ଼,୩୧।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଇଂ.ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ହୋତା ବୁଧବାର ଶେରଗଡ଼ ବ୍ଲକ କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡିଶା ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ସମୀକ୍ଷା ବେଳେ ବିଡିଓ ସୁରଞ୍ଜନ କୁମାର ସାହୁ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଠିକ ଭାବେ କାମ କରିବାକୁ ଅଧିକାରୀମାନଙ୍କୁ ପିଡି ପରାମର୍ଶ ଦେଇଥିଲେ। ସହକାରୀ ଯନ୍ତ୍ରୀ ମହୀନ୍ଦ୍ର କୁମାର ଷଡ଼ଙ୍ଗୀ, ଯନ୍ତ୍ରୀ ଓ ଏମଜିଏନଆରଇଜିଏସ୍ କର୍ମଚାରୀ ମାନଙ୍କୁ ଡକାଇ ଉନ୍ନୟନମୂଳକ କାର୍ଯ୍ୟ କିପରି ଚାଲିଛି ପିଡି ପଚାରି ବୁଝିଥିଲେ। ଅଧାପନ୍ତରିଆ କାର୍ଯ୍ୟକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। କାମରେ ଖିଲାପ ନ କରିବାକୁ କହିଥିଲେ। ଏମ୍‌ଜିଏନଆର୍‌ଇଜିଏସରେ ୧୦୦ଦିନର କାମ କରୁଥିବା ସମସ୍ତ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକରେ ସାମିଲ କରିବାକୁ ଗୁରୁତ୍ୱ ଦେଇଥିଲେ।

# ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

**ଗଞ୍ଜାମ,୩୧।୭(ଡି.ଏନ.ଏ.)**


ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ବିଷୟରେ ପଚାରୁଛନ୍ତି ଜିଲାପାଳ।

**ଗଞ୍ଜାମ ବ୍ଲକ**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଗଞ୍ଜାମ ବ୍ଲକ କାର୍ଯ୍ୟାଳୟକୁ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ମଧ୍ୟାହ୍ନରେ କାଇଁଚପୁର ପଞ୍ଚାୟତ ମାଳୀଜଗନ୍ନାଥପୁର ଗ୍ରାମ ନିକଟସ୍ଥ ବାବା ବାଲି ଲୋକନାଥ ମନ୍ଦିରକୁ ଯାଇ ଦର୍ଶନ କରିବାପରେ ସେଠାରେ ଥିବା ଶିଶୁ ଉଦ୍ୟାନ ବୁଲି ଦେଖିଥିଲେ। ଆଉ କେତେକ ଉପକରଣର ଆବଶ୍ୟକତା ରହିଛି, ଖୁବଶୀଘ୍ର ତାହା ପୂରଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତା'ହେଲେ ଅବସର ସମୟରେ ବରିଷ୍ଠ ନାଗରିକମାନେ ସେଠାରେ କିଛି ସମୟ ଅତିବାହିତ କରିପାରିବେ ବୋଲି ଜିଲାପାଳ କହିଥିଲେ। ଏଥିସହିତ ଉକ୍ତ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ବଡ଼ କାଇଁଚପୁରରେ ନୂତନ ଭାବେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ ବୁଲି ଅନୁଧ୍ୟାନ କରିଥିଲେ। ସେଠାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଚାରାରୋପଣ କରିବା ସହ ପଲିଥିନ ବର୍ଜନ କରିବାକୁ ବିଦ୍ୟାର୍ଥୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ପରେ ଯୁଡିଏସ୍‌ପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ବିଷୟରେ ପଚାରିଥିଲେ। ଏଥିରେ ବିଡିଓ ଜ୍ୟୋତି ଶଙ୍କର ରାଏ, ସହକାରୀ ଯନ୍ତ୍ରୀ ପର୍ଶୁରାମ ସେଠୀ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଅଗଷ୍ଟ ୧/୨୦୧୯ Berhampur, Thursday, August 1/2019

## ସଂକ୍ଷେପରେ

### ନିର୍ମାଣାଧୀନ ପାଚେରି ଭୁଶୁଡ଼ି ମହିଳା ଶ୍ରମିକ ମୃତ

**ବ୍ରହ୍ମପୁର ଅଫିସ,୩୧।୭-** ଚମାଖଣ୍ଡି ଥାନା ବନ୍ଦର ଗାଁରେ ବୁଧବାର ଅପରାହ୍ନରେ ଏକ ନିର୍ମାଣାଧୀନ ପାଚେରି ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଉକ୍ତ ଗାଁର ଇ.ପାର୍ବତୀ। କେତେକ ମହିଳା ଶ୍ରମିକ ଗାଁରେ ଥିବା ଏକ କୁକୁଡ଼ାଫାର୍ମର ପାଚେରୀ ନିର୍ମାଣ କରୁଥିବା ବେଳେ ପାଚେରୀ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏଥିରେ ପାର୍ବତୀ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

#### ବ୍ରହ୍ମପୁରରେ ରେଲୱେ ଡିଭିଜନ ପ୍ରତିଷ୍ଠା ମାମଲା

### ପଦକ୍ଷେପ ନେବା ଲାଗି ରେଲୱେ ବୋର୍ଡ଼ ସଚିବଙ୍କୁ ନିର୍ଦ୍ଦେଶ

**କଟକ ଅଫିସ,୩୧।୭-** ବ୍ରହ୍ମପୁରରେ ଏକ ନୂତନ ରେଲୱେ ଡିଭିଜନ ପ୍ରତିଷ୍ଠା ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ. ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଆସନ୍ତା ୩ମାସ ମଧ୍ୟରେ ପଦକ୍ଷେପ ନେବାକୁ ରେଲୱେ ବୋର୍ଡ଼ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ବ୍ରହ୍ମପୁର ରେଲୱେ ଷ୍ଟେଶନ ଦେଇ ପ୍ରତ୍ୟହ ୭୩ଟି ଯାତ୍ରୀବାହୀ ଟ୍ରେନ ଓ ୧୦୦ରୁ ଅଧିକ ମାଲବାହୀ ଟ୍ରେନ୍ ଯାତାୟତ କରିଥାଏ। ଏହି ଷ୍ଟେଶନରୁ ରେଲୱେକୁ ଦ୍ୱିତୀୟ ସର୍ବାଧିକ ରାଜସ୍ୱ ମିଳିଥାଏ। ଏହି ଅଞ୍ଚଳରେ ଏକାଧିକ ରାଷ୍ଟ୍ରାୟତ୍ତ କମ୍ପାନୀ ରହିଥିବାବେଳେ ହଜାର ହଜାର ଶ୍ରମିକ କାର୍ଯ୍ୟ କରୁଛନ୍ତି। ଗଞ୍ଜାମ, ଗଜପତି, କନ୍ଧମାଳ ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ଲକ୍ଷାଧିକ ଯାତ୍ରୀ ଉକ୍ତ ଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ଏଠାରେ ଦୁଇଟି ବିଶ୍ୱବିଦ୍ୟାଳୟ ଓ ମେଡ଼ିକାଲ କଲେଜ ମଧ୍ୟ ରହିଛି। ଏଣୁ ବ୍ରହ୍ମପୁରରେ ନୂତନ ରେଲୱେ ଡିଭିଜନ ପ୍ରତିଷ୍ଠା ପାଇଁ ପିଟିଶନରେ ଉଲ୍ଲେଖ କରାଯାଇଛି।

### ଆମ ପୋଲିସ୍ କାର୍ଯ୍ୟକ୍ରମ

**କାଶୀନଗର,୩୧।୭(ଡି.ଏନ୍.ଏ.)-** କାଶୀନଗର ନୂତନ ଆଦର୍ଶ ଥାନା ପରିସରରେ ବୁଧବାର ଆମ ପୋଲିସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଟିଏମ୍ ପିନ୍ ନମ୍ବର ଏବଂ ବ୍ୟାଙ୍କ ତଥ୍ୟ କାହାକୁ ନ ଦେବା, ନାବାଳିକା ବିବାହକୁ ରୋକିବା, ଅନ୍ଧବିଶ୍ୱାସରୁ ଦୂରେଇ ରହିବା ଆଦି ବିଭିନ୍ନ ବିଷୟରେ ଆଲୋଚନା ସହ ସଚେତନ କରାଯାଇଥିଲା। ଏଥିରେ ବହୁ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଯୋଗଦେଇଥଲେ। କାର୍ଯ୍ୟକ୍ରମରେ ଏସ୍ଆଇ ମମତା ପଣ୍ଡା ଓ ରାଙ୍ଗା ରାଓ ଉପସ୍ଥିତ ଥିଲେ।

#### ମହୁଲ ପାହାଡ଼ରେ ବେଆଇନ ବିସ୍ଫୋରଣ

# ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

**ଦିଗପହଣ୍ଡି/ପାଟପୁର,୩୧।୭(ଡି.ଏନ.ଏ.)**

ପାଟପୁର ପୋଲିସ ବୁଧବାର ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲି ବନ୍ଧ ମୌଜା ମହୁଲ ପାହାଡ଼ ପଥର ଖାଦାନରେ ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଦୀର୍ଘଦିନ ଧରି ପାହାଡ଼ରେ ବେଆଇନ ପଥର ବିସ୍ଫୋରଣ କରୁଥିବା ଅଭିଯୋଗରେ ପୋଲିସ ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମର ରଜନୀକାନ୍ତ ପଣ୍ଡାଙ୍କୁ ଗିରଫ କରିଛି। ଅନ୍ୟ କେତେକ ପଥର ମାଫିଆ ଫେରାର୍ ଅଛନ୍ତି। ରଜନୀକାନ୍ତଙ୍କ ନିକଟରୁ ୪୧ ଡିଟୋନେଟର, ୧୫ କେଜି ଆମୋନିଆ ରାସାୟନିକ ସାର, ୫ ଲିଟର ଡିଜେଲ, ଫ୍ୟୁଜ୍ ତାର, ଶାବଳ, କୋଡ଼ି, ହାତୁଡ଼ି ସମେତ ବିସ୍ଫୋରଣରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଥିବା ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି।



ବିସ୍ଫୋରଣ ସ୍ଥଳ ପଥର ଖାଦାନ।

ଦିଗପହଣ୍ଡି ତହସିଲ ବାବୁଲି ବନ୍ଧ ମୌଜା ମହୁଲ ପାହାଡ଼ ପଥର ଖାଦାନରେ ଦୀର୍ଘଦିନ ହେଲା ବିସ୍ଫୋରଣ କରାଯାଉଥିଲା। ପଥର କ୍ୱାରି ଲିଜ୍ କରାନଯାଇ କିଛି ରାଜସ୍ୱ ବିଭାଗ କର୍ମଚାରୀଙ୍କ ବୁଝାମଣାରେ ଏଠାରୁ ପ୍ରତ୍ୟହ ଶତାଧିକ ଟ୍ରାକ୍ଟରରେ ପଥର ଚୋରାଚାଲାଣ ହେଉଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କମ୍ପ୍ରେସର ମେଶିନ ଜରିଆରେ ଡିଟୋନେଟର ଡିନାମାଇଟ ଭଳି ଉଚ୍ଚକ୍ଷମତା ସମ୍ପନ୍ନ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇ ପାହାଡ଼ରେ ପଥର ବିସ୍ଫୋରଣ କରାଯାଇଥିଲା। ବିସ୍ଫୋରଣ ଦ୍ୱାରା ପଥର କ୍ୱାରୀଠାରୁ ପ୍ରାୟ ୨ କିମି ଦୂରରେ ଥିବା ବାବୁଲି ବନ୍ଧ, ଜୁଆଣପଲ୍ଲୀ, କନିଆରି ସାହି, ଆଦିବାସୀ ସାହି ସମେତ ସହଦେବ ଟିକରପଡ଼ା ଆଦି ଜନବସତିର ଅର୍ଦ୍ଧାଧିକ ଘର ସବୁ ଦୋହଲି ଉଠିଥିଲା। ଭୂମିକମ୍ପ ଆଶଙ୍କାରେ ଲୋକେ କିଛି କ୍ଷଣ ପାଇଁ ଶିହରି ଉଠିଥିଲେ। ଖବର ପାଇ ଏସଆଇ ଶୁଭ୍ରଜିତ ସାମନ୍ତରା ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନଂ. ୧୫୩/୧୯ ମାମଲା ରୁଜୁ କରିଛନ୍ତି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି କହିଛନ୍ତି। ଏନେଇ ଦିଗପହଣ୍ଡି ତହସିଲଦାର ଅଦୈତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଭୀଷ୍ମଗିରି ଆରଆଇ ଶ୍ରୀକାନ୍ତ ଦେରା ତାଙ୍କୁ ଜଣାଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

#### ପଥର ମାଫିଆ ଗିରଫ

## ୬ମାସ ହେଲା ନଳକୂପ ଅଚଳ, ଅସୁବିଧାରେ ଛାତ୍ରୀଛାତ୍ର

**ଚିକିଟି,୩୧।୭(ଡି.ଏନ.ଏ.)**

ଚିକିଟି ବ୍ଲକ୍ ଚାନ୍ଦପୁର ପଞ୍ଚାୟତର ଦେଉଳିଆପଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ନଳକୂପ ଦୀର୍ଘ ୬ ମାସ ଧରି ଅଚଳ ହୋଇପଡିଛି। ଫଳରେ ଛାତ୍ରୀଛାତ୍ରମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ମଧ୍ୟାହ୍ନଭୋଜନ ରୋଷେଇରେ ମଧ୍ୟ ଅସୁବିଧା ହେଉଛି। ଗ୍ରାମ ନିକଟ ବାହୁଦା ନଦୀରୁ ପାଣି ଆଣି ରୋଷେଇ କରିବାକୁ ପଡୁଛି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ସିଂ କହିଛନ୍ତି। ଏ ନେଇ ବିଦ୍ୟାଳୟର ପରିଚାଳନା କମିଟି ମାଧ୍ୟମରେ ପଞ୍ଚାୟତ ପ୍ରତିନିଧି ଏବଂ ବ୍ଲକ୍ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ଗତ ଦୁଇଦିନ ଧରି ବର୍ଷା ଲାଗି ରହିବାରୁ ବାହୁଦା ନଦୀର ଜଳସ୍ତର ବୃଦ୍ଧି ହେବା ସଙ୍ଗେ ଜଳ



ଅଚଳ ନଳକୂପ।

ଦୂଷିତ ହୋଇଛି। ସେହି ଦୂଷିତ ଜଳରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଗଲେ ଛାତ୍ରୀଛାତ୍ରମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି।ଏ ନେଇ ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ଏକ ବୈଠକ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରତ୍ନପୂର୍ଣ୍ଣ ସାହୁ, ସଭ୍ୟ ସନ୍ତୋଷ ସାହୁ, ମଞ୍ଜୁଳା ସାହୁ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁନର୍ବାର ଏକ ଲିଖିତ ଆକାରରେ ସରପଞ୍ଚଙ୍କ ଜରିଆରେ ବ୍ଲକ୍ ପ୍ରଶାସନକୁ ଜଣାଯିବ। ଏକ ସପ୍ତାହ ମଧ୍ୟରେ ନଳକୂପ ମରାମତି କରା ନ ଗଲେ ସମସ୍ତ ଅଭିଭାବକ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ଲିଖିତ ଏବଂ ମୌଖିକ ଆକାରରେ ସ୍ଥାନୀୟ ସରପଞ୍ଚ, ବିଇଓ ଏ.ରାଜେଶ୍ୱରୀ, ଏବିଇଓ ପ୍ରଭଞ୍ଜନ ପଣ୍ଡାଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସରପଞ୍ଚ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ନଳକୂପ ଅଚଳ ଥିବା ନେଇ ମୋତେ ଜଣାଯାଇଛି। ମରାମତି ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ମୁଁ କହିଛି। ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି। ଏ ନେଇ ଚିକିଟି ବିଡିଓ ଫାଲ୍‌ଗୁନି ମାଝି କହିଛନ୍ତି ଆଜି ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ।

### ଆମ ପୋଲିସ ସମିତି ବୈଠକ

**ବୁଗୁଡ଼ା,୩୧।୭(ଡି.ଏନ.ଏ.)**

ବୁଗୁଡ଼ା ଥାନା ପରିସରରେ ବୁଧବାର ଆମ ପୋଲିସ ସମିତି ବୈଠକ ସହ ପୋଲିସ ସମିତି ପକ୍ଷରୁ ବିଭିନ୍ନ ଚାରାରୋପଣ କରାଯାଇଥିଲା। ବୈଠକରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ଅଧକ୍ଷତା କରିଥିଲେ। ଅଗଷ୍ଟ ମାସରେ ବିଭିନ୍ନ ସ୍କୁଲ ଓ ସଙ୍ଗଠନର ସହଯୋଗରେ ସହରରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଖୋଲଖାଳିରେ ପୋଲିସ ସମିତିର ବୈଠକ ଆସନ୍ତା ମାସରେ କରାଯିବ ବୋଲି ମଧ୍ୟ ସ୍ଥିର ହୋଇଥିଲା। ଏଏସ୍ଆଇ ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଶରତ ଚନ୍ଦ୍ର ମହାରଣା, ବିଶ୍ୱମୋହନ ମିଶ୍ର, ସୁରେଶ ଚନ୍ଦ୍ର ଦାଶ, ପ୍ରକାଶ ଚନ୍ଦ୍ର ରଥ, ଖଲି ପରିଡ଼ା, ମନ୍ଦାକିନୀ ସାହୁ, ରୀନା ସ୍ୱାଇଁ, ଲକ୍ଷ୍ମୀ ନାରାୟଣ ଦାଶ,ଡ. କୁମୁଦ ଚନ୍ଦ୍ର ବେହେରାଙ୍କ ସମେତ ବହୁ ସମିତି ସଭ୍ୟ ଯୋଗ ଦେଇଥିଲେ ।

## ପାହାଡ଼ ବ୍ଲାଷ୍ଟିଂ ବିସ୍ଫୋରକ ସାମଗ୍ରୀ ଜବତ, ୪ ଗିରଫ



ଜବତ ବିସ୍ଫୋରକ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

**ବୁଗୁଡ଼ା,୩୧।୭(ଡି.ଏନ.ଏ.)**

ବୁଗୁଡ଼ା ଥାନା ଚଢ଼ିଆପଲ୍ଲୀ ଛକ ଏବଂ ସ୍ଥାନୀୟ ଶକ୍ତିନଗରର ଏକ ଗୋଦାମ ଉପରେ ପୋଲିସ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ ଜବତ ସହ ବୁଧବାର ୪ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ବୁଗୁଡ଼ା ଶକ୍ତିନଗରର ସୁଶାନ୍ତ କୁମାର ସାହୁ (ପାଣ୍ଡୁ), ଗୋଲିଆର ପଞ୍ଚୁ ଡ଼ାକୁଆ, ବେତାରସିଙ୍ଗିର ରଞ୍ଜିତ କୁମାର ଭୂୟାଁ ଓ ମହୁଲପଲ୍ଲୀର ପ୍ରକାଶ ଚନ୍ଦ୍ର ଗୌଡ଼। ଏନେଇ ବୁଗୁଡ଼ା ଥାନାରେ ନଂ. ୧୫୦/୧୯ରେ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ପଞ୍ଚୁ ଓ ରଞ୍ଜିତ ବାଇକ୍‌ରେ ବିସ୍ଫୋରକ ସାମଗ୍ରୀ ଧରି ଯାଉଥିବା ଖବର ପାଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଗିରଫ କରି ତାଙ୍କ ଠାରୁ ୭୫ଟି ଡେଟୋନେଟର ସହ ବାଇକ୍ ଜବତ କରିଥିଲେ। ପରେ ସେମାନଙ୍କୁ ପଚରାଉଚରା କରି ରାତି ପ୍ରାୟ ୯ଟାରେ ଶକ୍ତିନଗରରେ ଥିବା ପାଣ୍ଡୁଙ୍କ ଗୋଦାମରେ ପୋଲିସ ଚଢ଼ାଉ କରି ଅବଶିଷ୍ଟ ୫୨୩ଡେଟୋନେଟର, ୭୦ କେଜି ଆମୋନିୟମ ନାଇଟ୍ରେଟ, ଏକ ବିସ୍ଫୋରକ ବ୍ୟାଟେରି, ୫ ବଣ୍ଡଲ ତାର, କଟର ଆଦି ଜବତ କରିଥିଲା। ଏହି କାରବାରରେ ପାଣ୍ଡୁଙ୍କୁ ମୁଖ୍ୟ କୁହାଯାଉଥିବା ବେଳେ ମହୁଲପଲ୍ଲୀର ପ୍ରକାଶ ଗୁମାସ୍ତା ଭାବେ କାମ କରି ବିଭିନ୍ନ ଖଣି ମାଫିଆମାନଙ୍କୁ ଏହି ସାମଗ୍ରୀ ଯୋଗାଉଥିଲେ। ଆସିକା ଅଞ୍ଚଳର ଗୋଟିଏ ବିଦ୍ୟାଳୟ ନିକଟରେ ବିସ୍ଫୋରଣ ଦ୍ୱାରା ୨ ଛାତ୍ର ଆହତ ହୋଇଥିବାରୁ ଗଞ୍ଜାମ ଜିଲାପାଳ ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଥାନା ଓ ତହସିଲକୁ ଚଢ଼ାଉ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ତେଣୁ ବୁଗୁଡ଼ା ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଣୁ ପ୍ରତ୍ୟେକ ପଥର ପାହାଡ଼ ଉପରେ ଚଢ଼ାଉ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ବିଭିନ୍ନ ବିଦ୍ୟାଳୟ ବୁଲିଲେ ଜିଲା ପରିଷଦ ଉପାଧ୍ୟକ୍ଷା



ମଧ୍ୟାହ୍ନ ଭୋଜନ ଦେଖୁଛନ୍ତି ଜିଲା ପରିଷଦ ଉପାଧ୍ୟକ୍ଷା ।

**ଫିରିଙ୍ଗିଆ, ୩୧।୭**

କନ୍ଧମାଳ ଜିଲା ପରିଷଦ ଉପାଧ୍ୟକ୍ଷା ତଥା ୧୨ ନଂ. ୱାର୍ଡ ସଭ୍ୟା ସାରତୀ ମଲ୍ଲିକ ଗୋଚ୍ଛାପଡା, ସଲାଗୁଡା ସମେତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରଛନ୍ତି। ପରିଦର୍ଶନ ବେଳେ ସେ ଶିକ୍ଷକମାନଙ୍କଠାରୁ ବିଦ୍ୟାଳୟର ସୁବିଧା ଅସୁବିଧା, ପାଠ ପଢ଼ା, ମଧ୍ୟାହ୍ନ ଭୋଜନ ସମ୍ପର୍କରେ ପଚାରି ବୁଝିଛନ୍ତି। କେତେକ ହଷ୍ଟେଲ ବୁଲି ପିଲାମାନଙ୍କୁ ମଧ୍ୟ ସେମାନଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଶିକ୍ଷାର ମାନଦଣ୍ଡ ବୃଦ୍ଧି କରିବାକୁ ହେଲେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜର କର୍ତ୍ତବ୍ୟ ପାଳନ କରିବା ଏବଂ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ଆବଶ୍ୟକ ବୋଲି ଜିଲା ପରିଷଦ ଉପାଧ୍ୟକ୍ଷା ପରାମର୍ଶ ଦେଇଥିଲେ।

## ବାଧ୍ୟତାମୂଳକ ଶିକ୍ଷା ଆଇନ ସମ୍ପର୍କିତ ଆଲୋଚନା ବୈଠକ

**ଆର.ଉଦୟଗିରି,୩୧।୭(ଡି.ଏନ.ଏ.)**

ଆର.ଉଦୟଗିରି କୋର୍ଟ ପରିସରରେ କିଶୋର ନ୍ୟାୟ ଅଧିନିୟମ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ସମ୍ପର୍କିତ ଆଲୋଚନା ବୈଠକ ମଙ୍ଗଳବାର ତାଲୁକା ଆଇନ କମିଟି ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର.ଉଦୟଗିରି କୋର୍ଟର ସବଜଜ୍ ପ୍ରଦୀପ କୁମାର ସାମଲ, ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ବିଚାରପତି ଲିପାପୁଷ୍ପା ଖୁଣ୍ଟିଆ, ବିଡିଓ ପ୍ରଦୀପ କୁମାର ନାୟକ, ଆଇନଜୀବୀ ସୁରେନ୍ଦ୍ର ପାଣିଗ୍ରାହୀ, ମହେନ୍ଦ୍ରତନୟା ଜୁନିୟର କଲେଜ ଅଧକ୍ଷା ଭାରତୀ



ଉପସ୍ଥିତ ମହିଳା, ପୁରୁଷ ଓ ଛାତ୍ରୀମାନେ।

ମିଶ୍ର ଓ ବାର ଆସୋସିଏଶନ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ରଣସିଂହ ନାୟକ ପ୍ରମୁଖ ଯୋଗଦେଇ କିଶୋର ମାନଙ୍କ ଅଧିକାର ଓ ତା'ସହ ୧୪ ବର୍ଷ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଶିକ୍ଷା ଏବଂ ଏଥିପାଇଁ କିଭଳି ଆଇନ ବ୍ୟବସ୍ଥା ରହିଛି ଆଦି ଉପରେଇ ଉପସ୍ଥିତ ମହିଳା, ପୁରୁଷ ଏବଂ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହାସହ ଅଭିଭାବକମାନଙ୍କର ଭୂମିକା ଏବଂ ଛାତ୍ରୀଛାତ୍ରମାନେ ମଧ୍ୟ ଏ ଦିଗରେ ସଚେତନ ହେବାକୁପରାମର୍ଶ ଦେଇଥିଲେ। ଶିଶୁ ସୁରକ୍ଷା ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ। ଏଥିରୁ ବିଚ୍ୟୁତ ହେଲେ କିଭଳି ଦଣ୍ଡବିଧାନର ନିୟମ ରହିଛି ସେ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ମହିଳା, ବୁଦ୍ଧିଜୀବୀ ଓ ମହେନ୍ଦ୍ରତନୟା ଜୁନିୟର କଲେଜର ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

#### ଗାଁରେ ମଦ ବନ୍ଦ କରିବା ଘଟଣା

## ମହିଳାଙ୍କୁ ଅବକାରୀ କର୍ମଚାରୀଙ୍କ ଧମକ ଅଭିଯୋଗ

**ହାତୀଓଟ,୩୧।୭–**ପୋଲସରା ବ୍ଲକ ଜକର ପଞ୍ଚାୟତ ଜକର ଗ୍ରାମର ୨୭ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମବାସୀ ମିଶି ଗ୍ରାମରେ ମଦ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଗତ ୯ ତାରିଖରେ ଗୋପୀନାଥ ମନ୍ଦିର ପରିସରରେ ଗ୍ରାମସଭା କରିଥିଲେ। ପରେ ଏ ନେଇ କବିସୂର୍ଯ୍ୟନଗର ଥାନା ଅଧିକାରୀ, ଜିଲାପାଳ, ପୋଲସରା ବିଧାୟକଙ୍କୁ ଅବଗତ କରିବା ସହ କବିସୂର୍ଯ୍ୟନଗର ଅବକାରୀ ବିଭାଗ କାର୍ଯ୍ୟାଳୟରେ ଜଣାଇଥିଲେ। ୧୭ ତାରିଖରେ ଉକ୍ତ ଅଫିସ୍‌ରେ ସବ୍ ଇନ୍ସପେକ୍ଟର୍ ଗୀତାଞ୍ଜଳି ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ୨୯ ତାରିଖରେ କବିସୂର୍ଯ୍ୟନଗର ଦାୟିତ୍ୱରେ ଥିବା ପୁରୁଷୋତ୍ତମପୁର ଅବକାରୀ ବିଭାଗର ଇନ୍ସପେକ୍ଟର୍‌ଙ୍କ ସହ ୫ କର୍ମଚାରୀ ଗ୍ରାମର ବନିତା ମହାନ୍ତିଙ୍କ ଘରକୁ ତଦନ୍ତ କରିବା ପାଇଁ ଆସି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହା ପ୍ରତିବାଦରେ ବୁଧବାର ଅପରାହ୍ନରେ ଗ୍ରାମର ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ସହ ୨୭ ମହିଳା ସ୍ୱୟଂ ସହାୟିକା ସଦସ୍ୟା ଏକତ୍ରିତ ହୋଇଥିଲେ। ଅବକାରୀ ବିଭାଗ କର୍ମଚାରୀଙ୍କ ଏପରି ବ୍ୟବହାରକୁ ନିନ୍ଦା କରିବା ସହ ଘଟଣାର ତଦନ୍ତ କରିବାକୁ ଜିଦ ଧରିଥିଲେ। ଗାଁରେ ମଦ ବନ୍ଦ ନିଷ୍ପତ୍ତି ଗ୍ରାମବାସୀଙ୍କ ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମିଶି କରିଥିଲେ। କେବଳ ଜଣେ ମହିଳା କରିନଥିଲେ ବୋଲି ସେମାନେ ଅଭିଯୋଗ କରିଥିଲେ। ଖବରପାଇ ବାଲିଛାଇ ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ ଜକର ଗ୍ରାମକୁ ଆସି ଗ୍ରାମବାସୀ ଓ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜିତ ଲୋକେ ଶାନ୍ତ ପଡିଥିଲେ।



ଗ୍ରାମସଭାରେ ଉପସ୍ଥିତ ମହିଳା ସ୍ୱୟଂ ସହାୟିକା ସଦସ୍ୟାମାନେ

ଏ ନେଇ କବିସୂର୍ଯ୍ୟନଗର ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ସାହୁଙ୍କୁ ପଚାରବାରୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଇନ୍ସପେକ୍ଟରଙ୍କ ସହ କର୍ମଚାରୀ ମାନେ ତଦନ୍ତ କରିବା ପାଇଁ ଜକର ଗ୍ରାମକୁ ଯାଇଥିଲେ ବୋଲି କହିଥିଲେ। ବନିତାଙ୍କୁ ଧମକ ଦିଆଯିବା ଘଟଣାକୁ ସେ ଅସ୍ୱୀକାର କରିଥିଲେ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ